ପୁରୀ ଜଗନ୍ନାଥ ଧାମରୁ ପ୍ରକାଶିତ ଏକମାତ୍ର ଲୋକପ୍ରିୟ ଓଡ଼ିଆ ଦୈନିକ

25 YEARS

# ତୀର୍ଥକ୍ଷେତ୍ର

TEERTHKHETRA ODIA DAILY

■ RNI Regd. No.- ODIODI/2000/01251
■ Postal Regd.No. - PRI-34/2016-2018
■ E-mail : teerthkhetra@gmail.com

ଜୟ ଜଗନ୍ନାଥ

VOL-26 Issue No.-52, Saturday 21 March 2026 Puri, Rs.3.00 (Page- 08) ୨୬-ବର୍ଷ ସଂଖ୍ୟା-୫୨, ଶନିବାର, ୨୧ ମାର୍ଚ୍ଚ ୨୦୨୬, ପୁରୀ ମୁଲ୍ୟ: ୩.୦୦ (ପୃଷ୍ଠା-୦୮)


## ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ

# ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା





ଭୁବନେଶ୍ୱର, ୨୦/୩ : ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ । ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା । ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ । ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ । ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ । ପଖାଳର ପ୍ରୋ-ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ । ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ । ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି । ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି । ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି । ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି ।

ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ । ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆ ମାନଙ୍କ ସହ କଥା ହୋଇଥିଲେ । ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍ (ଉଷରଲ) ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ବିଶେଷ କରି ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା ।

## ମହାପ୍ରଭୁଙ୍କୁ ଲାଗି ହୁଏ ମିଠା ଓ ଘିଅ ପଖାଳ

# ରୋଷଘରେ ଅଛି ୩ ପଖାଳ କୁଣ୍ଡ





ପୁରୀ, ୨୦/୦୩ : ଆସ ଜୀବନ ଧନ ମୋର ପଖାଳ କଂସା... ସଜନୀରେ ତୋ ବିହୁନେ ଉଡ଼ିଲା ହଂସା... ଆସ ଜୀବନ ଧନ... । କବୀଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ରଚିତ ଏହି ପଲ୍ଲୀଗୀତ ଓଡ଼ିଆଙ୍କର ପଖାଳ ପ୍ରତି ପ୍ରେମକୁ ପ୍ରମାଣ କରିବାରେ ଯଥେଷ୍ଟ । କବି ଭାବନାରେ ପଖାଳକୁ କେତେବେଳେ 'ଜୀବନ ଧନ' ଭାବେ ସମ୍ବୋଧନ କରାଯାଇଛି, ତ କେତେବେଳେ ପଖାଳ ପାଇଛି ଓଡ଼ିଆଙ୍କ ପ୍ରିୟ ଖାଦ୍ୟର ପରିଚୟ । ଓଡ଼ିଆ ଜାତିର ଆରାଧ ଦେବତା ମହାପ୍ରଭୁ ଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ । ବର୍ଷକ ବାରମାସ ପ୍ରଭୁଙ୍କୁ ଲାଗିହୁଏ ନାନା ପ୍ରକାର ପଖାଳ । ନିଇତି ବଡ଼ସିଂହାର ଭୋଗରେ ପ୍ରଭୁଙ୍କୁ ଲାଗି ହୁଏ ପଖାଳ । ମହାପ୍ରଭୁଙ୍କୁ ଲାଗି ହେଉଥିବା ପଖାଳ ଅନ୍ୟ ସାଧାରଣ ପଖାଳଠାରୁ ଖୁବ ନିଆରା । ମହାପ୍ରଭୁଙ୍କୁ ଭୋଗରେ ଲାଗେ ମିଠା ପଖାଳ, ଘିଅ ପଖାଳ ଓ ନାନାଦି ବ୍ୟଞ୍ଜନ । ବିଭିନ୍ନ ସମୟରେ ନୀତି ଓ ତିଥି ମୁତାବକ ଭିନ୍ନଭିନ୍ନ ପ୍ରକାର ପଖାଳ ଭୋଗ ଲାଗି ହୋଇଥାଏ । ଲାଗି ହେଉଥିବା ବିଭିନ୍ନ ପଖାଳ ମଧ୍ୟରେ ସୁବାସିତ ପଖାଳ, ମିଠା ପଖାଳ, ଟଭା ପଖାଳ, ପାଣି ପଖାଳ, ଚୁପୁଡ଼ା ପଖାଳ, ଦହି ପଖାଳ ଓ ଘିଅ ପଖାଳ ଆଦି ରହିଛି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କ ସୂଚନା ମୁତାବକ, ଶତାବ୍ଦୀ ଶତାବ୍ଦୀ ଧରି ମହାପ୍ରଭୁଙ୍କୁ ପଖାଳ ଭୋଗ ଲାଗି ହେଉଛି । ଏହାର ପ୍ରମାଣ ଏବେ ବି ଜୀବନ୍ତ । ଶ୍ରୀମନ୍ଦିରରେ ଥିବା ବଳି ପାତାଳ ମନ୍ଦିର ବା ପାତାଳେଶ୍ୱର ମନ୍ଦିରରେ ଥିବା ଏକ ଶିଳାଲେଖରେ ଦ୍ୱାଦଶ ଶତାବ୍ଦୀରେ ମହପ୍ରଭୁଙ୍କୁ ପଖାଳ ଭୋଗ ଲାଗି ହେବା ସଂପର୍କିତ ତଥ୍ୟ ଉଲ୍ଲେଖ ଅଛି । ଗଙ୍ଗ ବଂଶ ରାଜତ୍ୱ ସମୟରେ ପାଢ଼ୀ ସଂଜ୍ଞାଧାରୀ ଜଣେ ସେବାୟତଙ୍କ ମାର୍ଫତ୍‌ରେ ଦହି, ଚାଉଳ ଆଦି ପଖାଳ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଖଞ୍ଜା ଯାଉଥିଲା ବୋଲି ଶିଳାଲେଖରେ ବର୍ଣ୍ଣନା ହୋଇଛି । ଭୋଗ ସୁଆର ବିଶ୍ୱନାଥ ସାମନ୍ତରାଙ୍କ ସୂଚନା ମୁତାବକ, ମଧ୍ୟାହ୍ନ ଧୂପରେ ମହାପ୍ରଭୁଙ୍କୁ ୧୧ ଓଳି ସୁବାସ ପଖାଳ ଲାଗି ହୋଇଥାଏ । ସନ୍ଧ୍ୟା ଧୂପରେ ୨୩ ଓଳି ପାଣି ପଖାଳ ଓ ସାନ ଓଳି ପଖାଳ ୨ ଓଳି ପରସା ଯାଏ । ସେହିଭଳି ବଡ଼ସିଂହାର ଭୋଗରେ ୧୧ ଓଳି ମିଠା ପଖାଳ ମହାପ୍ରଭୁଙ୍କୁ ଭୋଗଲାଗେ । ବିଭିନ୍ନ ନିଯୋଗ ପକ୍ଷରୁ ଦହି ପଖାଳ ବରାଦ ହେଲେ ମଧ୍ୟ ଭୋଗ ଲାଗି ହୁଏ । ରଥଯାତ୍ରା ପୂର୍ବ ଦିନଠୁ ପ୍ରସ୍ତୁତ ହୋଇଥିବା ମହାପ୍ରଭୁଙ୍କୁ ଲାଗି ହେଉଥିବା ଦହି ପଖାଳରେ ଲଙ୍କା ବ୍ୟବହାର କରାଯାଏ ନାହିଁ । ଦହି, ଅଦା ଏବଂ ଘିଅରେ ଭଜା ହୋଇଥିବା ଜିରା ଦହି ପଖାଳର ସ୍ୱାଦ ବଢ଼ାଇଥାଏ । ଏହି ସମସ୍ତ ପଖାଳ ଭୋଗ ମହାପ୍ରଭୁଙ୍କୁ ମାଟି ଓଳିରେ ପରସା ଯାଏ । ପଖାଳ ସହ ମହାପ୍ରଭୁଙ୍କୁ କାଞ୍ଜି ଓ କଦଳି ବଡା ମଧ୍ୟ ପରସା ଯାଏ । ପଖାଳ ପ୍ରସ୍ତୁତି ପାଇଁ ରୋଷଘରେ ରହିଛି ୩ଟି ପଖାଳ କୁଣ୍ଡ । ଅନ୍ନ ରନ୍ଧା ପରେ ପଖାଳ କୁଣ୍ଡରେ ପଡ଼ିଥାଏ । ପଖାଳ ଦିବସ କିଛିବର୍ଷ ହେଲା ପାଳନ ହେଉଛି ହେଲେ ଭୋଜନ ପ୍ରିୟ ମହାପ୍ରଭୁଙ୍କ ପାଇଁ ବର୍ଷକ ବାରମାସ ପଖାଳ ଦିବସ ବୋଲି ଶ୍ରୀ ସାମନ୍ତରା କହିଛନ୍ତି ।

# ପ୍ରିୟଦର୍ଶନୀ ମାର୍କେଟ୍ କମ୍ପ୍ଲେକ୍ସରେ ଭୟାବହ ଅଗ୍ନିକାଣ୍ଡ



ଭୁବନେଶ୍ୱର ୨୦/୩ : ପ୍ରିୟଦର୍ଶନୀ ମାର୍କେଟ୍ କମ୍ପ୍ଲେକ୍ସରେ ଭୟାବହ ଅଗ୍ନିକାଣ୍ଡ । ଧୂଆଁମୟ ହେଲା ସିଆରପି ଛକ ଅଞ୍ଚଳ । ଦେଖୁ ଦେଖୁ ମାର୍କେଟ କମ୍ପ୍ଲେକ୍ସରେ ଥିବା ପ୍ରଥମ ମହଲାରେ ଥିବା ଏକାଧିକ ଦୋକାନରେ ନିଆଁ ବ୍ୟାପି ଯାଇଥିଲା । ଭିତରେ ଥିବା ସମସ୍ତ ଦୋକାନୀ ବାହାରକୁ ଦେ ?ଡ଼ିଥିଲେ । ଏନେଇ ଅଗ୍ନିଶମ ବାହିନୀ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ୫ଟି ଦମକ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରୁଥିବା ଜଣାପଡିଛି । ଫାୟାର ଫାଇଟ୍ ଟିମ୍ ନିଆଁକୁ ଆୟତ୍ତ କରିବକୁ ଉଦ୍ୟମ ଜାରି ରଖିଛି । ମାର୍କେଟ୍ କମ୍ପ୍ଲେକ୍ସ କିଛି ଗୋଦାମ ଘର ଥିବା ଜୋରଦାର ନିଆଁ ଲାଗିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟ, ଶୁକ୍ରବାର ପ୍ରାୟ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ସିଆରପି ଅଞ୍ଚଳରେ ଥିବା ପ୍ରିୟଦର୍ଶନୀ ମାର୍କେଟ କମ୍ପ୍ଲେକ୍ସରେ ହଠାତ୍ ନିଆଁ ଲାଗିଯାଇଥିଲା । ମାର୍କେଟ କମ୍ପ୍ଲେକ୍ସରେ ଥିବା ଗିଫ୍ଟ ଦୋକାନରୁ ନିଆଁ ଲାଗିବା ସ୍ଥାନୀୟଲୋକ ସୂଚନା ଦେଇଛନ୍ତି । ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିନଥିବା ବେଳେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ନିଆଁ ଯୋଗୁଁ ପୂରା ମାର୍କେଟ କମ୍ପ୍ଲେକ୍ସ ଧୂଆଁମୟ ହୋଇଯାଇଛି । ଘଟଣାସ୍ଥଳରେ ଫାୟାର ଷ୍ଟେସନ୍, କଳ୍ପନା ଛକ, ସଚିବାଳୟ ଦମକଳରୁ ପ୍ରଥମେ ଟି ଦମକଳ ଗାଡ଼ି ପହଞ୍ଚିଲା । ଘଟଣାସ୍ଥଳରେ ଫାୟାର ଫାଇଟର ଟିମ ପାଇଁ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ । ମାକେର୍ଟ କମ୍ପ୍ଲେକ୍ସ ଭିତରକୁ ପାଣି ମାଡ଼ କରିଥିଲେ । ଧୂଆଁକୁ ନିର୍ଗତ କରିବା ପାଇଁ ଉଦ୍ୟମ କରିବା ସହ ଭିତର ପଶି ଅଗ୍ନିକମାନେ ନିଆଁ ଲିଭାଇବାକୁ ଉଦ୍ୟମ କରୁଛନ୍ତି । ମାକେର୍ଟ କମ୍ପ୍ଲେକ୍ସ କାଚ ଭାଙ୍ଗି ଭିତକୁ ପାଣି ମାଡ଼ କରିଥିଲେ । ତେବେ ମାକେର୍ଟ କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିଲା କି ନାହିଁ ଜଣାପଡିନାହିଁ । ତଦନ୍ତ ପରେ ନିଆଁ ଲିଭାର କାରଣ ଜଣାପଡ଼ିବ ।

# ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି ।

୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି । ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି । ଏହି ଶିକ୍ଷକମାନେ ସେମାନଙ୍କର ଚାକିରୀରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି । ତେବେ, ସେମାନେ ଚାକିରୀରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଘକ୍ଟଶ୍ୱସକ୍ଟଭବକ୍ଷ ଈରଭରଲସତ୍ତ୍ୱ ପାଇବେ । ୨୦୨୬ ଜାନୁୟାରୀ ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ ।

ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି ।

## ଜମି ନେଇ ଶିଳ୍ପ କରୁନଥିବା ଶିଳ୍ପାନୁଷ୍ଠାନ ଉପରେ ସରକାରଙ୍କ ବଡ଼ ଆକ୍ସନ

# ୨୫ଟି ଅନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍



ଭୁବନେଶ୍ୱର, ୨୦/୦୩ : ଜମି ନେଇ ଶିଳ୍ପ କରୁନଥିବା ଶିଳ୍ପାନୁଷ୍ଠାନ ଉପରେ ସରକାରଙ୍କ ବଡ଼ ଆକ୍ସନ । ୨୫ଟି ଶିଳ୍ପାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କଲେ ରାଜ୍ୟ ସରକାର । ନୋଟିସ ପରେ ୭ ଟି ଶିଳ୍ପାନୁଷ୍ଠାନ ଜମି ଆବଣ୍ଟନ ରଦ୍ଦ କରାଯାଇଛି । ଏଥିସହ ୫ଟି ଶିଳ୍ପ ସଂସ୍ଥା ଜମି ଆବଣ୍ଟନ ରଦ୍ଦ ମାମଲା କୋର୍ଟରେ ବିଚାରଧୀନ ରହିଛି । ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଲିଖିତ ଉତ୍ତର ରଖିଛନ୍ତି । ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଇଡକୋ ମାଧ୍ୟମରେ ଆବଣ୍ଟିତ ହୋଇଥିବା ଜମି ମଧ୍ୟରୁ ୯୧୪ ଟି ଶିଳ୍ପ ସଂସ୍ଥା ବନ୍ଦ ପଡ଼ିଛି । ସେମାନଙ୍କ ମଧ୍ୟରୁ ଇଡ଼କୋ ନିୟମ ଅନୁଯାୟୀ ୬୬୫ ଗୋଟି କାରଣ ଦର୍ଶାଅ ନୋଟିସ ଓ ସେଥି ମଧ୍ୟରୁ ୨୬୭ ଟି ଶିଳ୍ପ ସଂସ୍ଥା ମାନଙ୍କର ଆବଣ୍ଟନ ରଦ୍ଦ କରାଯାଇଛି । ସେହି ଆବଣ୍ଟନ ରଦ୍ଦ ମଧ୍ୟରୁ ୮୧ ଟି ଶିଳ୍ପ ସଂସ୍ଥା ବିରୁଦ୍ଧରେ ଋଟଙ୍ଗ କେସ ରୁଜୁ କରାଯାଇଛି । ୬ଟି ଶିଳ୍ପ ସଂସ୍ଥା ଜମି ଆବଣ୍ଟନ ବିରୁଧ ମାମଲା କୋର୍ଟରେ ବିଚାରଧିନ ରହିଛି । ଏଥିସହ ବିଭିନ୍ନ କାରଣରୁ ଜମି ନେଇ ୬୪୦ ଶିଳ୍ପ ସଂସ୍ଥା ନଚଳାଇ ପରିବାରୁ ଅନ୍ୟ ସଂସ୍ଥାକୁ ସେହି ଜମି ଲିଜ୍ ଆକାରରେ ଦିଆଯାଇଛି ।


DADLS-88



ସତ୍ୟମେବ ଜୟତେ



ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଓଡ଼ିଶା ଶାସନ



ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


### ‘‘ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର (ଆଇକେଏସ): ଏକ ସମାଜ ଶାସ୍ତ୍ରୀୟ ପ୍ରତିଫଳନ’’ ଶୀର୍ଷକ ଅର୍ନ୍ତଜାତୀୟ ସମ୍ମିଳନୀ

# ମତ ରଖିଲେ ପିଆଇବି ଏବଂ ସିବିସି ଏଡିଜି ଶ୍ରୀ ଅଖିଳ କୁମାର ମିଶ୍ର

ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ‘‘ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର: ଏକ ସମାଜ ଶାସ୍ତ୍ରୀୟ ପ୍ରତିଫଳନ’’ ଶୀର୍ଷକ ଅର୍ନ୍ତଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଥମ ପ୍ଲେନାରୀ ଅଧିବେଶନ ‘ବିକାଶ, ସ୍ଥାନ ପରିବର୍ତ୍ତନ ଏବଂ ପ୍ରତିଯୋଗିତା‘ ଉପରେ ଥିଲା । ପ୍ୟାନେଲ ସଦସ୍ୟ ଥିବା ପି.ଆଇ.ବି. ଏବଂ ସି.ବି.ସି. ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଏକବିଂଶ ଶତାବ୍ଦୀରେ ଗଣମାଧ୍ୟମ ଏବଂ ବିକାଶର ଭୂମିକା ଉପରେ ଆଲୋକପାତ କରିଥିଲେ ।

ଏହାର ଅଧ୍ୟକ୍ଷତା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ବାଲଗୋବିନ୍ଦ ବାବୁ। ଡ. ବୀରେନ୍ଦ୍ର ସୁନା ଓଡ଼ିଶାରେ ସ୍ୱଦେଶୀ ନୈତିକତା, ସାମୂହିକ ଲକ୍ଷ୍ୟ ଏବଂ ତୃଣମୂଳ ଶାସନ ବିଷୟ ଉପରେ ଆଲୋକପାତ କରିଥିଲେ। ଡକ୍ଟର ସୀମା ମଲ୍ଲିକ, ଡକ୍ଟର ସ୍ୱପ୍ନାପ୍ରଭୁ, ଡକ୍ଟର ଧୀରଜ କୁମାର, ଡକ୍ଟର ସୁଭାସିସ ସାହୁ ଏବଂ ଡକ୍ଟର ଧନଞ୍ଜୟ କୁମାର ଭାରତରେ ସ୍ୱଦେଶୀ ଜ୍ଞାନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

ଦ୍ୱିତୀୟ ପ୍ଲେନାରୀ ଅଧିବେଶନ ‘ପରିବେଶ, ପରିବେଶ ବିଜ୍ଞାନ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ‘ ଉପରେ ଥିଲା। ଏହାର ଅଧ୍ୟକ୍ଷତା କରିଥିଲେ ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ବିନୟ ପଟ୍ଟନାୟକ ଏବଂ ଏଥିରେ ଛଅ ଜଣ ପ୍ୟାନେଲିଷ୍ଟ ସାମିଲ ଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ନାଗରାଜୁ ଗୁଣ୍ଡିମେଡା, ଶ୍ରୀଲଙ୍କା ବିଶ୍ୱବିଦ୍ୟାଳୟର




ସାମାଜିକ ବିଜ୍ଞାନ ବିଭାଗର ଡକ୍ଟର ଉପୁଲ ଲେକାମଗେ, ଆମେରିକାର ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟସ ଆଣ୍ଡ ସାଇନ୍ସର ପ୍ରଫେସର ଥୋମାସ୍ ରୟଟର, ଆମେରିକାର ସାନ୍ତାକ୍ରୁଜ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ଏବଂ ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-ନାଟାଲ ବିଶ୍ୱବିଦ୍ୟାଳୟର ଜୟନାଥନ ଗୋଭେଣ୍ଡର ପ୍ରମୁଖ ଭର୍ଚୁଆଲ ମାଧ୍ୟମରେ ଏହି ପୂର୍ଣ୍ଣାଙ୍ଗ ଆଲୋଚନାରେ ଯୋଗ ଦେଇଥିଲେ। ’ସହରାଞ୍ଚଳ ବିକାଶ, ପରିବର୍ତ୍ତନ ଏବଂ ସ୍ଥିରତା ‘ବିଷୟବସ୍ତୁ ଉପରେ ଏକ ବୈଷୟିକ ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା ପ୍ଲେନାରୀ ଅଧିବେଶନରେ ଦୁଇଦିନିଆ ସମ୍ମିଳନୀରେ ସାମୂହିକ ଭାବେ ୩୦ ଜଣ ପ୍ୟାନେଲ ସଦସ୍ୟ ଅଂଶଗ୍ରହଣ କରିଥିଲେ, ଯେତେବେଳେ କି ବୈଷୟିକ ଅଧିବେଶନରେ ୯୫ରୁ ଅଧିକ କାଗଜ ଉପସ୍ଥାପନ କରାଯାଇଥିଲା, ଯାହା ସମ୍ମିଳନୀର ବ୍ୟାପକ ଏକାଡେମିକ୍ ଯୋଗଦାନ ଏବଂ ଆନ୍ତଃବିଷୟକ ପ୍ରକୃତିକୁ ପ୍ରତିଫଳିତ କରୁଥିଲା। ସମ୍ମିଳନୀର ଦ୍ୱିତୀୟ ଦିନରେ ଆୟୋଜିତ ଏହି ଉଦ୍‌ଯାପନୀ ସମାରୋହର ଆରମ୍ଭ ମିଜୋରାମ ପାର୍ବତ୍ୟାଞ୍ଚଳ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ ଅତିଥି ପ୍ରଫେସର ଆର. କେ. ମହାନ୍ତିଙ୍କ ବକ୍ତବ୍ୟ ସହିତ ହୋଇଥିଲା, ଯିଏ ପଖାଳର ଉଦାହରଣ ମାଧ୍ୟମରେ ସ୍ୱତନ୍ତ୍ରତା, ପରିଚୟ ଏବଂ ପ୍ରତୀକବାଦ ଉପରେ ବକ୍ତବ୍ୟ ରଖିଥିଲେ। ଭୋପାଳର ପ୍ରଫେସର ଏସ୍. ଏନ୍. ଚୌଧୁରୀ ବରକତୁଲ୍ଲା ବିଶ୍ୱବିଦ୍ୟାଳୟର ସମ୍ମାନିତ ଅତିଥି ସ୍ୱଦେଶୀ ପରିଚୟର ବିକାଶ ପଥ ସହିତ ସମ୍ପର୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ପ୍ରଫେସର ବିନୟ କୁମାର ପଟ୍ଟନାୟକ। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଭୂତି ଭୂଷଣ ମହାନ୍ତି ଭାରତର ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଏବଂ ଭାରତୀୟ ଜ୍ଞାନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ପ୍ରୟାସ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳ ରଚନା, କବିତା ଏବଂ କଳାକୃତି ସମ୍ବଳିତ ବାର୍ଷିକ ବିଭାଗୀୟ ପତ୍ରିକା ‘ଲୁକିଙ୍ଗ ଗ୍ଲାସ୍ ସେଲ୍ଫ’ ମଧ୍ୟ ଉନ୍ମୋଚନ କରାଯାଇଥିଲା। ପ୍ରତିଷ୍ଠାତା ସମ୍ପାଦକ, ପ୍ରଫେସର ରବୀନ୍ଦ୍ର ଗରଡା ଏବଂ ସମ୍ପାଦକ ଡ. ଦୀନବନ୍ଧୁ ସାହୁ ସମାଜବିଜ୍ଞାନ ବିଦ୍ୟାର୍ଥୀଙ୍କ ପାଇଁ ସୃଜନଶୀଳ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ପ୍ରତିଯୋଗିତାର ପୁରସ୍କାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶ୍ରୀ ଅନ୍ୱେଷା ପାଣିଗ୍ରହୀଙ୍କ ଦ୍ୱାରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ଉପରେ ଆନ୍ତଃ-ମନ୍ତ୍ରାଳୟ ସାମ୍ବାଦିକ ସମ୍ମିଳନୀ

# ବିକଳ୍ପ ଇନ୍ଧନ ଯୋଗାଣ ବୃଦ୍ଧିକୁ କୋଇଲା ମନ୍ତ୍ରଣାଳୟର ସମର୍ଥନ

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ବିକାଶ ଉପରେ ଆଜିର ଆନ୍ତଃ ମନ୍ତ୍ରାଳୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ତଥା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ପରିସ୍ଥିତି ଉପରେ ଗଣମାଧ୍ୟମକୁ ଅପଡେଟ୍ ରଖିବା ପାଇଁ ନିୟମିତ ଭାବରେ ଏହିପରି ସାମ୍ବାଦିକ ସମ୍ମିଳନୀ କରାଯାଉଛି, ଯେଉଁଥିରେ ଇନ୍ଧନ ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି ଅଞ୍ଚଳରେ ଭାରତୀୟ ନାଗରିକମାନଙ୍କୁ ସହାୟତା ବିଷୟରେ ଅପଡେଟ୍ ସେୟାର କରାଯାଉଛି। ଆଜିର ବ୍ରିଫିଂ ସମୟରେ, ଏହି କ୍ଷେତ୍ରଗୁଡ଼ିକରେ ସର୍ବଶେଷ ପରିସ୍ଥିତି ଏବଂ ଚାଲୁ ରହିଥିବା ପଦକ୍ଷେପ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଯାଇଥିଲା।

ଶକ୍ତି ଯୋଗାଣ ଏବଂ ଇନ୍ଧନ ଉପଲବ୍ଧତା

ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦୃଷ୍ଟିରୁ ଇନ୍ଧନ ଯୋଗାଣ ଏବଂ ପେଟ୍ରୋଲିୟମ ଉତ୍ପାଦ ତଥା ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ସମୟରେ ଗଣମାଧ୍ୟମକୁ ଏହିସବୁ ସୂଚନା ପ୍ରଦାନ କରାଯାଇଛି। ମନ୍ତ୍ରଣାଳୟ ସୂଚନା ଅନୁସାରେ :

ଅଶୋଧିତ ତୈଳ ଏବଂ ରିଫାଇନାରୀ

? ସମସ୍ତ ରିଫାଇନାରୀ ପର୍ଯ୍ୟାପ୍ତ ଅଶୋଧିତ ତୈଳ ସଂଗ୍ରହ ସହିତ ଉଚ୍ଚ କ୍ଷମତାରେ କାର୍ଯ୍ୟ କରୁଛନ୍ତି, ଏବଂ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ବଜାୟ ରଖାଯାଇଛି।

? ରିଫାଇନାରୀରୁ ଘରୋଇ ଏଲପିଜି ଉତ୍ପାଦନ ପୂର୍ବ ସଙ୍କଟ ଉତ୍ପାଦନ ସ୍ତର ତୁଳନାରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି।

ଖୁଚୁରା ଦୋକାନ

? ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ଖୁଚୁରା ଦୋକାନରେ ଇନ୍ଧନ ସରିଯିବାର କୌଣସି ମାମଲା ରିପୋର୍ଟ କରାଯାଇନାହିଁ, ଏହା ସହ ପେଟ୍ରୋଲ ଏବଂ ଡିଜେଲର ଯୋଗାଣ ନିୟମିତ ଭାବରେ ଜାରି ରହିଛି।

? ପର୍ଯ୍ୟାପ୍ତ ପରିମାଣରେ ଷ୍ଟକ୍ ଉପଲବ୍ଧ ଥିବାରୁ ନାଗରିକମାନଙ୍କୁ ଆତଙ୍କିତ ହୋଇ କିଣିବାକୁ ପରାମର୍ଶ ଦିଆଯାଉଛି।

ପ୍ରାକୃତିକ ଗ୍ୟାସ

? ପ୍ରାଥମିକତା କ୍ଷେତ୍ରଗୁଡ଼ିକ ଘରୋଇ ପିଏନଜି ଏବଂ ସିଏନଜି ପରିବହନ ପାଇଁ ୧୦୦ ପ୍ରତିଶତ ଯୋଗାଣ ସମେତ ସୁରକ୍ଷିତ ଯୋଗାଣ ପାଇବା ଜାରି ରଖିଛନ୍ତି, ଯେତେବେଳେ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଯୋଗାଣ ପ୍ରାୟ ୮୦ ପ୍ରତିଶତ ନିୟନ୍ତ୍ରଣ କରାଯାଉଛି।

? ହୋଟେଲ, ରେଷ୍ଟୁରାଣ୍ଟ ଏବଂ କ୍ୟାଣ୍ଟିନ୍ ଭଳି ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ପିଏନଜି ସଂଯୋଗକୁ ପ୍ରାଥମିକତା ଦେବାକୁ ସହର ଗ୍ୟାସ ବଣ୍ଟନ (ସିଜିଡି) ସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଇଛି।

? ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ (ଏମଓପିଆଣ୍ଡଏନଜି) ସଚିବ ପିଏନଜି ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ ସିଜିଡି ସଂସ୍ଥାଗୁଡ଼ିକ ସହିତ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ ଏବଂ ଏଲପିଜିରୁ ପିଏନଜିକୁ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ।

? ଆଇଜିଏଲ୍, ଏମଜିଏଲ୍, ଗେଲ୍ ଗ୍ୟାସ ଏବଂ ବିପିସିଏଲ୍ ସମେତ ସିଜିଡି କମ୍ପାନୀଗୁଡ଼ିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି।

? ସିଜିଡି ସଂସ୍ଥାଗୁଡ଼ିକୁ ପିଏନଜିଆରବି ଦ୍ୱାରା ଆବେଦନ ଦାଖଲ ଏବଂ ଗ୍ରାହକ ପରିବାରକୁ ଗ୍ୟାସ ଯୋଗାଣ ଆରମ୍ଭ ମଧ୍ୟରେ ସମୟସୀମା କମ କରିବାକୁ ଏବଂ ଜନସଚେତନତା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

? ଭାରତ ସରକାର ପତ୍ର ତାରିଖ ୧୬.୦୩.୨୦୨୬ ମାଧ୍ୟମରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ସିଜିଡି ସମ୍ପ୍ରସାରଣ ପାଇଁ ଅନୁମୋଦନ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

? ଭାରତ ସରକାର ୧୮.୦୩.୨୦୨୬ ତାରିଖର ପତ୍ର ମାଧ୍ୟମରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବାଣିଜ୍ୟିକ ଏଲପିଜିର ଅତିରିକ୍ତ ୧୦% ଆବଣ୍ଟନ ପ୍ରଦାନ କରିଛନ୍ତି, ଯଦି ସେମାନେ ଏଲପିଜିରୁ ପିଏନଜିକୁ ଦୀର୍ଘକାଳୀନ ପରିବର୍ତ୍ତନରେ ସାହାଯ୍ୟ କରିପାରିବେ।

? ବର୍ତ୍ତମାନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଏହି ସଂସ୍କାରକୁ ଆଗକୁ ବଢାଇବା ଏବଂ ସିଜିଡି ନେଟୱାର୍କର ବିସ୍ତାର ସୁନିଶ୍ଚିତ କରିବା ଏବଂ ସେମାନଙ୍କ ଅଞ୍ଚଳରେ ଘରୋଇ ଏବଂ ବାଣିଜ୍ୟିକ/ଶିଳ୍ପ ପିଏନଜି ଗ୍ରାହକମାନଙ୍କୁ ସଂଯୋଗ ପ୍ରଦାନ ତ୍ୱରାନ୍ୱିତ କରିବା ଉପରେ ନିର୍ଭର କରେ।

? ମନ୍ତ୍ରଣାଳୟ ରାଜସ୍ଥାନ ସରକାରଙ୍କ ଠାରୁ ୧୯.୦୩.୨୦୨୬ ପତ୍ର ମାଧ୍ୟମରେ ଆବେଦନ ପାଇଛି ଯେ ରାଜ୍ୟ ସରକାର ସିଜିଡିକୁ ପ୍ରୋତ୍ସାହନ ଏବଂ ପିଏନଜିକୁ ପରିବର୍ତ୍ତନ ପାଇଁ ସଂସ୍କାର ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ଏବଂ ପ୍ରସ୍ତାବଟି ପରୀକ୍ଷାଧୀନ ଅଛି।

? ଗତ କିଛି ଦିନ ମଧ୍ୟରେ ୧୩,୭୦୦ ରୁ ଅଧିକ ନୂତନ ପିଏନଜି ସଂଯୋଗ ଜାରି କରାଯାଇଛି ଏବଂ ୭,୩୦୦ ରୁ ଅଧିକ ଗ୍ରାହକ ଏଲପିଜିରୁ ପିଏନଜିକୁ ସ୍ଥାନାନ୍ତରିତ ହୋଇଛନ୍ତି, ଯାହା ଏଲପିଜି ଚାହିଦା ଉପରେ ଚାପ ହ୍ରାସ କରିବାରେ ସାହାଯ୍ୟ କରୁଛି।

ଏଲପିଜି

? ପ୍ରଚଳିତ ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଲପିଜି ଯୋଗାଣ ଏବେ ବି ଚିନ୍ତାର ବିଷୟ ଏବଂ ଏହା ଉପରେ ନଜର ରଖାଯାଇଛି।

? ବିତରକମାନଙ୍କରେ କୌଣସି ଡ୍ରାଇ-ଆଉଟ୍ ରିପୋର୍ଟ କରାଯାଇନାହିଁ।

? ୧୩ ମାର୍ଚ୍ଚରେ ୮୯ ଲକ୍ଷରୁ ଗତକାଲି ଆତଙ୍କ ବୁକିଂ ପ୍ରାୟ ୫୫ ଲକ୍ଷକୁ ହ୍ରାସ ପାଇଛି, ଯେତେବେଳେ ଘରୋଇ ଏଲପିଜି ଯୋଗାଣ ସ୍ୱାଭାବିକ ଭାବରେ ଜାରି ରହିଛି।

? ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ ଅଣ-ଘରୋଇ ଏଲପିଜି ଆବଣ୍ଟନ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରେ ଯୋଗାଣ ଉପଲବ୍ଧ କରାଯାଉଛି।

? ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି, ଯେଉଁମାନେ ବାଣିଜ୍ୟିକ ଏଲପିଜି ଆବଣ୍ଟନର ପ୍ରାୟ ୫୦% ପାଉଛନ୍ତି।

? ଗତ ସପ୍ତାହରେ ପ୍ରାୟ ୧୧,୩୬୦ ମେଟ୍ରିକ ଟନ୍ ବାଣିଜ୍ୟିକ ଏଲପିଜି ବୃଦ୍ଧି କରାଯାଇଛି।

କିରୋସିନ୍

? ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ୪୮,୦୦୦ କେଏଲ କିରୋସିନର ଅତିରିକ୍ତ ଆବଣ୍ଟନ ଯୋଗାଇ ଦିଆଯାଇଛି, ଯାହାକୁ ବଣ୍ଟନ ପଏଣ୍ଟ ଚିହ୍ନଟ କରିବାକୁ ଅନୁରୋଧ କରାଯାଇଛି।

? ୧୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ ଏସକେଓ ଆବଣ୍ଟନ ନିର୍ଦ୍ଦେଶ ଜାରି କରିଛନ୍ତି, ଯେତେବେଳେ ହିମାଚଳ ପ୍ରଦେଶ ଏବଂ ଲଦାଖ କୌଣସି ଆବଶ୍ୟକତା ଦର୍ଶାଇ ନାହାଁନ୍ତି ଏବଂ ଆଜି ପର୍ଯ୍ୟନ୍ତ, ୧୭ଟି ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶ ଏସକେଓ ଆବଣ୍ଟନ ନିର୍ଦ୍ଦେଶ ଜାରି କରିନାହାଁନ୍ତି।

ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବୈଠକ

? ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ପ୍ରଦେଶ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଏବଂ ଏଲପିଜି ନିୟନ୍ତ୍ରଣ ନିର୍ଦ୍ଦେଶ ଅନୁଯାୟୀ ଯୋଗାଣ ଉପରେ ନଜର ରଖୁଛନ୍ତି ଏବଂ ସତର୍କତା ବଜାୟ ରଖିବା, ଯାଞ୍ଚ କରିବା ଏବଂ ସୁଗମ ଏଲପିଜି ପରିବହନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।

? ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ପରିସ୍ଥିତି ଉପରେ ନଜର ରଖିବା ଏବଂ ନିୟନ୍ତ୍ରଣ କରିବାରେ ପ୍ରାଥମିକ ଭୂମିକା ଗ୍ରହଣ କରିବାକୁ ପଡିବ।

? ଭାରତ ସରକାର ୧୩.୦୩.୨୦୨୬ ତାରିଖର ପତ୍ର ମାଧ୍ୟମରେ ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ସଚିବମାନଙ୍କୁ ପେଟ୍ରୋଲ ପମ୍ପ, ଏଲପିଜି ବିତରକ, ସଂରକ୍ଷଣ ପଏଣ୍ଟ ଇତ୍ୟାଦିରେ ସମନ୍ୱିତ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ଡିଏମ୍ / ସଂଗ୍ରହକାରୀ ଏବଂ ଅନ୍ୟ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି ଯାହା ଦ୍ୱାରା ଯେକୌଣସି ଭୁଲ କାର୍ଯ୍ୟକୁ ରୋକିବା ପାଇଁ ପେଟ୍ରୋଲ ପମ୍ପ, ଏଲପିଜି ବିତରକ, ସଂରକ୍ଷଣ ପଏଣ୍ଟ ଇତ୍ୟାଦିରେ ସମନ୍ୱିତ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରାଯାଇପାରିବ।

? ସରକାର ଭାରତ ସରକାରଙ୍କ ପକ୍ଷରୁ ୧୮.୦୩.୨୦୨୬ ତାରିଖର ଚିଠି ମାଧ୍ୟମରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁରୋଧ କରାଯାଇଛି –

? ଘରୋଇ ଏଲପିଜିର ଗଚ୍ଛିତକରଣ, କଳାବଜାରୀ ଏବଂ ଅନ୍ୟାନ୍ୟ ଅପବ୍ୟବହାରକୁ ରୋକିବା ପାଇଁ କଡ଼ା ସତର୍କତା ବଜାୟ ରଖିବାକୁ ଏହିସବୁ ପଦକ୍ଷେପ ନିଆଯାଇଛି।

ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ, ୧୯୫୫, ପେଟ୍ରୋଲିୟମ୍ ଆଇନ, ୧୯୩୪, ପେଟ୍ରୋଲିୟମ୍ ନିୟମ ୨୦୦୨, ମୋଟର ସ୍ପିରିଟ୍ ଏବଂ ଏଚ୍ଏସଡି ଅର୍ଡର ୨୦୦୫ ଏବଂ



ଅନ୍ୟାନ୍ୟ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।

ଏଲପିଜି ଟ୍ୟାଙ୍କର୍ ଏବଂ ସିଲିଣ୍ଡର ଇତ୍ୟାଦିର ସୁଗମ ଏବଂ ନିରବଚ୍ଛିନ୍ନ ପରିବହନ ସମେତ ପର୍ଯ୍ୟାପ୍ତ ପ୍ରଶାସନିକ ଏବଂ ଲଜିଷ୍ଟିକ୍ ପଦକ୍ଷେପ ଗ୍ରହଣ କରିବା।

ସ୍ଥାନୀୟ ପ୍ରାଥମିକତା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଣିଜ୍ୟିକ ଏଲପିଜି ପାଇଁ ଉପଯୁକ୍ତ ବଣ୍ଟନ ପଦ୍ଧତି ବିକଶିତ କରିବା।

ଭୟଭୀତ ହୋଇ କ୍ରୟକୁ ରୋକିବା ପାଇଁ ସାଧାରଣ ପରାମର୍ଶ ଜାରି କରିବା, ଏଲପିଜିର ଉପଯୁକ୍ତ ବ୍ୟବହାରକୁ ଉତ୍ସାହିତ କରିବା ଏବଂ ସଠିକ୍ ସୂଚନା ପ୍ରସାରଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

? ସମସ୍ତ ଜିଲ୍ଲା କଲେକ୍ଟର ଏବଂ ଏଫସି ଆଣ୍ଡ ଏସ ଅଧିକାରୀମାନଙ୍କୁ ପ୍ରତିଦିନ ନିୟମିତ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

? ଏହା ବ୍ୟତୀତ, ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳକୁ ସଠିକ୍ ସୂଚନା ପ୍ରସାରଣ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ କରିବାକୁ ଅନୁରୋଧ କରାଯାଇଛି।

? ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶକୁ ହେଲ୍ପଲାଇନ୍ ନମ୍ବର ସ୍ଥାପନ କରିବାକୁ ଏବଂ ନିୟମିତ ବ୍ୟବଧାନରେ ସେମାନଙ୍କର ବ୍ୟାପକ ପ୍ରଚାର ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି।

? ୩୨ଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। ଅନେକ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ପ୍ରତିଦିନ ପ୍ରେସ୍ ବ୍ରିଫ୍ ମଧ୍ୟ କରୁଛନ୍ତି।

? ୩୧ଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଜିଲ୍ଲାସ୍ତରୀୟ ତଦାରଖ କମିଟି ସ୍ଥାପନ କରାଯାଇଛି।

? ଯେଉଁ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ନିୟନ୍ତ୍ରଣ କକ୍ଷ ଏବଂ ଜିଲ୍ଲା ତଦାରଖ କମିଟି ସ୍ଥାପନ କରିନାହାଁନ୍ତି ସେମାନଙ୍କୁ ଜରୁରୀ ଭିତ୍ତିରେ ଏହା କରିବାକୁ ଅନୁରୋଧ କରାଯାଇଛି।

କାର୍ଯ୍ୟାନୁଷ୍ଠାନ

? ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି, ଗତ ୨୪ ଘଣ୍ଟା ମଧ୍ୟରେ ୪,୫୦୦ ରୁ ଅଧିକ ଚଢାଉ କରାଯାଇଛି ଏବଂ ପ୍ରାୟ ୪,୦୦୦ ସିଲିଣ୍ଡର ଜବତ କରାଯାଇଛି।

? ଉତ୍ତର ପ୍ରଦେଶ, ତାମିଲନାଡୁ, କେରଳମ, ଜମ୍ମୁ ଏବଂ କାଶ୍ମୀର, ପଞ୍ଜାବ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ଦିଲ୍ଲୀ ସମେତ ରାଜ୍ୟଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ରିପୋର୍ଟ କରାଯାଇଛି।

? ସୁଗମ ଯୋଗାଣ ସୁନିଶ୍ଚିତ କରିବା ଏବଂ ଅନିୟମିତତା ରୋକିବା ପାଇଁ ପିଏସୟୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଖୁଚୁରା ଦୋକାନ ଏବଂ ଏଲପିଜି ବିତରକମାନଙ୍କରେ ୧,୮୦୦ ରୁ ଅଧିକ ଅଚାନକ ଯାଞ୍ଚ କରିଛନ୍ତି।

ଅନ୍ୟାନ୍ୟ ସରକାରୀ ପଦକ୍ଷେପ

? ସରକାର ନିରନ୍ତର ଏଲପିଜି ଯୋଗାଣ ଏବଂ ପିଏନଜି ବିସ୍ତାରକୁ ପ୍ରାଥମିକତା ଦେଇଚାଲିଛନ୍ତି, ବିଶେଷକରି ପରିବାର ଏବଂ ପ୍ରାଥମିକତା କ୍ଷେତ୍ର ଯେପରିକି ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନ ପାଇଁ।

? ପଦକ୍ଷେପଗୁଡ଼ିକ ମଧ୍ୟରେ ବର୍ଦ୍ଧିତ ରିଫାଇନାରୀ ଉତ୍ପାଦନ, ସହରାଞ୍ଚଳରେ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ସଂଶୋଧିତ ବୁକିଂ ବ୍ୟବଧାନ ଏବଂ ପ୍ରାଥମିକତା ବଣ୍ଟନ ଅନ୍ତର୍ଭୁକ୍ତ।

? ରାଜ୍ୟଗୁଡ଼ିକୁ ଯୋଗାଣ ବୃଦ୍ଧି ପାଇଁ କୋଇଲା ମନ୍ତ୍ରଣାଳୟର ସମର୍ଥନ ସହିତ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନ ଉପଲବ୍ଧ କରାଯାଇଛି।

? ରାଜ୍ୟଗୁଡ଼ିକୁ ଅତିରିକ୍ତ ଏଲପିଜି ଆବଣ୍ଟନ ସହିତ ଜଡିତ ପ୍ରୋତ୍ସାହନ ଦ୍ୱାରା ସମର୍ଥିତ ପିଏନଜି ସଂଯୋଗକୁ ସହଜ କରିବାକୁ ପରାମର୍ଶ ଦିଆଯାଇଛି।

ସାର୍ବଜନୀନ ପରାମର୍ଶ

? ନାଗରିକମାନଙ୍କୁ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ଏବଂ ଗୁଜବ ଏଡାଇବାକୁ ପରାମର୍ଶ ଦିଆଯାଇଛି।

? ଗ୍ରାହକମାନଙ୍କୁ ଆତଙ୍କିତ ବୁକିଂ ଏଡାଇବାକୁ, ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ଘରୋଇ ବିତରଣ ଜାରି ରହିଥିବାରୁ ଏଲପିଜି ବିତରକଙ୍କୁ ପରିଦର୍ଶନ କରିବାରୁ ବଞ୍ଚିବାକୁ ଅନୁରୋଧ କରାଯାଇଛି।

? ନାଗରିକମାନଙ୍କୁ ପିଏନଜି ଏବଂ ବୈଦ୍ୟୁତିକ କିମ୍ବା ଇଣ୍ଡକ୍ସନ୍ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଏବଂ ଶକ୍ତି ସଂରକ୍ଷଣ କରିବାକୁ ଉତ୍ସାହିତ କରାଯାଉଛି।

ସାମୁଦ୍ରିକ ସୁରକ୍ଷା ଏବଂ ଜାହାଜ ଚଳାଚଳ

ପର୍ସିଆନ୍ ଉପସାଗରରେ ପ୍ରଚଳିତ ସାମୁଦ୍ରିକ ପରିସ୍ଥିତି ଏବଂ ଭାରତୀୟ ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା। ମନ୍ତ୍ରଣାଳୟ ଉଲ୍ଲେଖ କରିଛି ଯେ:

? ଏହି ଅଞ୍ଚଳରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ପତାକା ଜାହାଜ ସହିତ କୌଣସି ଜାହାଜ ଦୁର୍ଘଟଣାର ରିପୋର୍ଟ କରାଯାଇ ନାହିଁ।

? ବର୍ତ୍ତମାନ, ୬୧୧ ଭାରତୀୟ ନାବିକଙ୍କ ସହିତ ୨୨ ଭାରତୀୟ ପତାକା ଜାହାଜ ପଶ୍ଚିମ ପାରସିଆନ୍ ଉପସାଗର ଅଞ୍ଚଳରେ ରହିଛି, ଡିଜି ସିପିଂ ଜାହାଜ ମାଲିକ, ଆରପିଏସଏଲ୍ ଏଜେନ୍ସି ଏବଂ ଭାରତୀୟ ମିଶନ ସହିତ ସମନ୍ୱୟରେ ଘନିଷ୍ଠ ନଜର ରଖିଛି।

? ଡିଜି ସିପିଂ ନିୟନ୍ତ୍ରଣ କକ୍ଷ ୨୪୭ କାର୍ଯ୍ୟ ଜାରି ରଖିଛି ଏବଂ ସକ୍ରିୟ ହେବା ପରଠାରୁ ୩୫୫୦ କଲ୍ ଏବଂ ୬୭୪୮ ଇମେଲ୍ ପରିଚାଳନା କରିଛି, ଯେଉଁଥିରେ ଗତ ୨୪ ଘଣ୍ଟାରେ ୧୨୫ କଲ୍ ଏବଂ ୨୦୯ ଇମେଲ୍ ଅନ୍ତର୍ଭୁକ୍ତ।

? ଡିଜି ସିପିଂ ବିମାନବନ୍ଦର ଏବଂ ଆଞ୍ଚଳିକ ସ୍ଥାନରୁ ଏପର୍ଯ୍ୟନ୍ତ ୫୧୩ ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିବାକୁ ସହଜ କରିଛି, ଯେଉଁଥିରେ ଗତ ୨୪ ଘଣ୍ଟାରେ ୨୫ ଟି ଅନ୍ତର୍ଭୁକ୍ତ।

? ଭାରତର ସାମୁଦ୍ରିକ କ୍ଷେତ୍ର ସୁରୁଖୁରୁରେ କାର୍ଯ୍ୟ କରୁଛି ଏବଂ ବନ୍ଦରଗୁଡ଼ିକରେ କୌଣସି ଭିଡ଼ ଦେଖାଯାଇ ନାହିଁ, ଯାହା ଗୁଜରାଟ, ମହାରାଷ୍ଟ୍ର, ଗୋଆ, କେରଳ, ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀ ସମେତ ରାଜ୍ୟ ସାମୁଦ୍ରିକ ବୋର୍ଡ ଦ୍ୱାରା ନିଶ୍ଚିତ କରାଯାଇଛି।

? ବନ୍ଦରଗୁଡ଼ିକ ଜାହାଜ ଚଳାଚଳ ଏବଂ ମାଲ ପରିବହନ ଉପରେ କଡ଼ା ନଜର ରଖିଛନ୍ତି, ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ (ଜେଏନପିଏ), ଭି.ଓ. ଚିଦାମ୍ବରନର ବନ୍ଦର କର୍ତ୍ତୃପକ୍ଷ (ଭିଓସିପିଏ), ବିଶାଖାପାଟଣା ବନ୍ଦର, ମୁନ୍ଦ୍ରା ଏବଂ ଦୀନଦୟାଲ ବନ୍ଦର କର୍ତ୍ତୃପକ୍ଷ ଭଳି ପ୍ରମୁଖ ବନ୍ଦରଗୁଡ଼ିକରେ ସୁଗମ ପରିଚାଳନା ସୁନିଶ୍ଚିତ କରିବା ଏବଂ ଭିଡ଼କୁ କମ କରିବା ପାଇଁ ଅତିରିକ୍ତ କ୍ଷମତା ସୃଷ୍ଟି କରାଯାଇଛି।

? ନ୍ୟୁ ମାଙ୍ଗାଲୋର ବନ୍ଦର କର୍ତ୍ତୃପକ୍ଷ (ଏନଏମପିଏ) ରେ, ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ପଦକ୍ଷେପ ନିଆଯାଇଛି, ଯେଉଁଥିରେ ୧୪ ମାର୍ଚ୍ଚରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଅଶୋଧିତ ଏବଂ ଏଲପିଜି ଜାହାଜ ପାଇଁ ମାଲ ପରିବହନ ସମ୍ବନ୍ଧୀୟ ଶୁଳ୍କ ଛାଡ଼, ଫସି ରହିଥିବା ରପ୍ତାନି କଣ୍ଟେନର ପାଇଁ ଭୂମି ଭଡ଼ା ଏବଂ ରିଫର୍ ଶୁଳ୍କ ଛାଡ଼, ଏବଂ ପ୍ରାୟ ୩୫୦୦ ବର୍ଗ ମିଟର ଆଚ୍ଛାଦିତ ସେଡ୍ ଏବଂ ୭୬,୦୦୦ ବର୍ଗ ମିଟର ଖୋଲା ୟାର୍ଡର ଅତିରିକ୍ତ ସଂରକ୍ଷଣ କ୍ଷମତା ସୃଷ୍ଟି ଅନ୍ତର୍ଭୁକ୍ତ।

? ପଶ୍ଚିମ ଏସିଆର ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଜାହାଜ ଚଳାଚଳ, ବନ୍ଦର ପରିଚାଳନା, ନାବିକଙ୍କ ସୁରକ୍ଷା ଏବଂ ସାମୁଦ୍ରିକ ବାଣିଜ୍ୟର ନିରନ୍ତରତା ଉପରେ ନଜର ରଖିବା ଜାରି ରଖିଛି।

ଏହି ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷା

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଅଞ୍ଚଳରେ ସାମ୍ପ୍ରତିକ ବିକାଶ ସମ୍ପର୍କରେ ଅପଡେଟ୍ ଅଂଶୀଦାର କରିଛି, ଯେଉଁଥିରେ ଭାରତୀୟ ମିଶନ ମାଧ୍ୟମରେ ଜାରି ସହାୟତା ଏବଂ ଯୋଗାଯୋଗ ଅନ୍ତର୍ଭୁକ୍ତ। ମନ୍ତ୍ରଣାଳୟ ସୂଚନା ଦେଇଛି ଯେ:

? ପ୍ରଧାନମନ୍ତ୍ରୀ ଓମାନ, ମାଲେସିଆ, ଫ୍ରାନ୍ସ, ଜୋର୍ଡାନ ଏବଂ କାତାରର ନେତାମାନଙ୍କ ସହ କଥା ହୋଇଛନ୍ତି, ପଶ୍ଚିମ ଏସିଆର ଜାରି ସ୍ଥିତି ଉପରେ ଭାରତର ମତାମତ ଜଣାଇଛନ୍ତି ଏବଂ ଉତ୍ତେଜନା ହ୍ରାସ ଏବଂ ଶାନ୍ତି ଓ ସ୍ଥିରତା ପୁନରୁଦ୍ଧାର ପାଇଁ ଆଲୋଚନା ଏବଂ କୂଟନୀତି ଉପରେ ଗୁରୁତ୍ୱ ଦେଇଛନ୍ତି।

? ପ୍ରଧାନମନ୍ତ୍ରୀ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ଏବଂ ହରମୁଜ୍ ପ୍ରଣାଳୀ ଦେଇ ନିରାପଦ ଏବଂ ମୁକ୍ତ ନୌଚାଳନା ସୁନିଶ୍ଚିତ କରିବାର ଗୁରୁତ୍ୱକୁ ପୁନରାବୃତ୍ତି କରିଛନ୍ତି।

? ଓମାନ: ପ୍ରଧାନମନ୍ତ୍ରୀ ସୁଲତାନ ହାଇଥାମ ବିନ୍ ତାରିକଙ୍କ ସହ କଥା ହୋଇଛନ୍ତି, ଇଦ୍ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଓମାନର ସାର୍ବଭୌମତ୍ୱ ଉଲ୍ଲଂଘନ ପାଇଁ ଭାରତର ନିନ୍ଦାକୁ ପୁନରାବୃତ୍ତି କରିଛନ୍ତି। ସେ ଭାରତୀୟ ନାଗରିକଙ୍କ ସମେତ ଲୋକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସୁଗମ କରିବାରେ ଓମାନର ଭୂମିକାକୁ ପ୍ରଶଂସା କରିଛନ୍ତି।

? ମାଲେସିଆ: ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହ କଥା ହୋଇଛନ୍ତି ଏବଂ ହରି ରାୟା ଐଦିଲଫିତ୍ରୀ ଅବସରରେ ଶୁଭେଚ୍ଛା ଜଣାଇ ପଶ୍ଚିମ ଏସିଆର ବିକଶିତ ପରିସ୍ଥିତି ଉପରେ ମତ ବିନିମୟ କରିଛନ୍ତି।

? ଫ୍ରାନ୍ସ: ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ କଥା ହୋଇଥିଲେ ଏବଂ ଉଭୟ ନେତା ଏହି ଅଞ୍ଚଳ ତଥା ବାହାରେ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଘନିଷ୍ଠ ସମନ୍ୱୟ ଜାରି ରଖିବାକୁ ସହମତ ହୋଇଥିଲେ।

? ଜୋର୍ଡାନ: ପ୍ରଧାନମନ୍ତ୍ରୀ ମହାମହିମ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ କଥା ହୋଇଥିଲେ, ଇଦ୍ ଶୁଭେଚ୍ଛା ଜଣାଇଥିଲେ ଏବଂ ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସହଜ କରିବାରେ ଜୋର୍ଡାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଉଭୟ ପକ୍ଷ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ନିନ୍ଦା କରିଥିଲେ ଏବଂ ସାମଗ୍ରୀ ତଥା ଶକ୍ତିର ଅବାଧ ପରିବହନକୁ ସମର୍ଥନ କରିଥିଲେ।

? କାତାର: ପ୍ରଧାନମନ୍ତ୍ରୀ କାତାରର ଆମୀର ମହାମହିମ ଶେଖ୍ ତାମିମ୍ ବିନ୍ ହମାଦ୍ ଅଲ୍ ଥାନିଙ୍କ ସହ କଥା ହୋଇଥିଲେ, ଇଦ୍ ଶୁଭେଚ୍ଛା ଜଣାଇଥିଲେ ଏବଂ କାତାର ସହିତ ଏକତା ପ୍ରକାଶ କରିଥିଲେ। ଉଭୟ ପକ୍ଷ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ନିନ୍ଦା କରିଥିଲେ ଏବଂ ହରମୁଜ୍ ପ୍ରଣାଳୀ ଦେଇ ସୁରକ୍ଷିତ ନୌଚାଳନା ପାଇଁ ସମର୍ଥନ ପୁନଃନିର୍ଦ୍ଦିଷ୍ଟ କରିଥିଲେ।

? ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପଶ୍ଚିମ ଏସିଆ ଏବଂ ଉପସାଗରୀୟ ଅଞ୍ଚଳରେ ବିକାଶ ଉପରେ କଡ଼ା ନଜର ରଖି ଚାଲିଛି, ଭାରତୀୟ ସମ୍ପ୍ରଦାୟର ସୁରକ୍ଷା, ସୁରକ୍ଷା ଏବଂ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ରହିଛି।

? ଇରାନରେ ଥିବା ଭାରତୀୟ ଦୂତାବାସ ଇରାନରୁ ପଡ଼ୋଶୀ ଦେଶଗୁଡ଼ିକୁ ୯୧୩ ଜଣ ଭାରତୀୟ ନାଗରିକଙ୍କ ପରିବହନକୁ ସହଜ କରିଛି, ଯେଉଁଥିରେ ୭୯୩ ଜଣ ଆର୍ମେନିଆ ଏବଂ ୧୨୦ ଜଣ ଆଜରବୈଜାନ ଅନ୍ତର୍ଭୁକ୍ତ।

? ଇରାନରୁ ସମସ୍ତ ୨୮୪ ଜଣ ଭାରତୀୟ ତୀର୍ଥଯାତ୍ରୀ ସୁରକ୍ଷିତ ଭାବରେ ଭାରତ ଫେରିଛନ୍ତି।

? ଏମଇଏ ନିୟନ୍ତ୍ରଣ କକ୍ଷ ଭାରତୀୟ ନାଗରିକମାନଙ୍କୁ ସହାୟତା କରିଚାଲିଛି, ଗତକାଲି ୧୦ ଟି କଲ୍ ଏବଂ ୬ ଟି ଇମେଲ୍ ପାଇଥିଲା, ଯାହା ମୁଖ୍ୟତଃ ବାଣିଜ୍ୟ ଜାହାଜରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ସହିତ ଜଡିତ ଥିଲା।

? ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ସମନ୍ୱୟ ସହିତ ଏକ ଉତ୍ସର୍ଗୀକୃତ ଏମଇଏ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିଛି।

? ସମଗ୍ର ଅଞ୍ଚଳରେ ଭାରତୀୟ ମିଶନ ଏବଂ ପୋଷ୍ଟଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟ କରୁଛନ୍ତି, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ ରକ୍ଷା କରୁଛନ୍ତି ଏବଂ ନିୟମିତ ପରାମର୍ଶ ଜାରି କରୁଛନ୍ତି। ନାବିକ, ଛାତ୍ର, ଫସି ରହିଥିବା ଭାରତୀୟ ନାଗରିକ ଏବଂ ସ୍ୱଳ୍ପକାଳୀନ ପରିଦର୍ଶକଙ୍କ ପାଇଁ ସହାୟତା ଜାରି ରହିଛି, ଯେଉଁଥିରେ ଭିସା, କନସୁଲାର ଏବଂ ଲଜିଷ୍ଟିକ୍ ସହାୟତା ଅନ୍ତର୍ଭୁକ୍ତ।

? ୨୮ ଫେବୃଆରୀ ପରଠାରୁ, ପ୍ରାୟ ୩,୦୦,୦୦୦ ଯାତ୍ରୀ ଏହି ଅଞ୍ଚଳରୁ ଭାରତ ଫେରିଛନ୍ତି, ସାମଗ୍ରିକ ବିମାନ ପରିଚାଳନାରେ ସ୍ଥିର ଉନ୍ନତି ଦେଖାଯାଉଛି।

? ୟୁଏଇ ରେ, ସୀମିତ ଅଣ-ନିର୍ଦ୍ଧାରିତ ବିମାନ ଜାରି ରହିଛି, ଆଜି ଭାରତକୁ ପ୍ରାୟ ୯୦ ଟି ବିମାନ ଚଳାଚଳ କରିବ ବୋଲି ଆଶା କରାଯାଉଛି।

? ସାଉଦି ଆରବ ଏବଂ ଓମାନରୁ ଭାରତକୁ ବିମାନ ଚଳାଚଳ ଜାରି ରହିଛି।

? କତାର ଏୟାରସ୍ପେସ୍ ଆଂଶିକ ଭାବରେ ଖୋଲା ରହିଛି, କତାର ଏୟାରୱେଜ୍ ଆଜି ଭାରତକୁ ୧୦ ଟି ଅଣ-ନିର୍ଦ୍ଧାରିତ ବିମାନ ପରିଚାଳନା କରିବ ବୋଲି ଆଶା କରାଯାଉଛି।

? କୁୱେତ ଏୟାରସ୍ପେସ୍ ବନ୍ଦ ରହିଛି, ଜାଜିରା ଏୟାରୱେଜ୍ ସାଉଦି ଆରବର ଅଲ୍ କାଇସୁମାହ ବିମାନବନ୍ଦରରୁ ଆଜି କୋଚିକୁ ପ୍ରଥମ ଉଡ଼ାଣ ସହିତ ସ୍ୱତନ୍ତ୍ର ଉଡ଼ାଣ ଆରମ୍ଭ କରିଛି।

? ବାହାରିନ୍ ଏୟାରସ୍ପେସ୍ ବନ୍ଦ ରହିଛି, ଗଲ୍ଫ ଏୟାର ସାଉଦି ଆରବର ଦମ୍ମାମରୁ ଭାରତକୁ ସ୍ୱତନ୍ତ୍ର ଉଡ଼ାଣ ପରିଚାଳନା କରୁଛି।

? କୁୱେତ, ବାହାରିନ୍ ଏବଂ ଇରାକରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ସାଉଦି ଆରବ ଦେଇ ଭାରତୀୟ ନାଗରିକଙ୍କ ପରିବହନ ସୁବିଧା ଜାରି ରହିଛି।

? ଇରାନରେ ଥିବା ଭାରତୀୟ ନାଗରିକମାନଙ୍କୁ ଆର୍ମେନିଆ ଏବଂ ଆଜରବାଇଜାନ ଦେଇ ଭାରତ ଯାତ୍ରା ପାଇଁ ସହାୟତା ଜାରି ରହିଛି।

? ଇସ୍ରାଏଲରେ ଥିବା ଭାରତୀୟ ନାଗରିକମାନଙ୍କୁ ଜୋର୍ଡାନ ଦେଇ ଭାରତ ଯାତ୍ରା କରିବାକୁ ସୁବିଧା ଦିଆଯାଉଛି।

? ୧୮ ମାର୍ଚ୍ଚରେ ରିୟାଦରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକ ଦୁଃଖଦ ଭାବରେ ପ୍ରାଣ ହରାଇଲେ। ସରକାର ଏଥିପାଇଁ ଶୋକ ପ୍ରକାଶ କରିଛନ୍ତି ଏବଂ ମିଶନ୍ ମୃତ ଶରୀରର ଶୀଘ୍ର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ କରୁଛି।

? ସାମ୍ପ୍ରତିକ ଘଟଣାରେ ମୋଟ ୬ ଜଣ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଜଣେ ନିଖୋଜ ଅଛନ୍ତି। ଦୁଇ ଜଣ ଭାରତୀୟ ନାଗରିକଙ୍କ ମୃତ ଶରୀର ପୂର୍ବରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରାଯାଇଛି।

? ସାଉଦି ଆରବ, ଓମାନ, ଇରାକ ଏବଂ ୟୁଏଇରେ ଥିବା ଭାରତୀୟ ମିଶନଗୁଡ଼ିକ ନିଖୋଜ ବ୍ୟକ୍ତିଙ୍କ ପାଇଁ ଏବଂ ଅବଶିଷ୍ଟ ମୃତ ଶରୀର ପ୍ରତ୍ୟାବର୍ତ୍ତନ ପାଇଁ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି।

? ଉଦ୍ଧାର ହୋଇଥିବା ଏମଟି ସାଫେସି ବିଷ୍ଣୁର ୧୫ ଜଣ ଭାରତୀୟ କ୍ରୁ ସଦସ୍ୟ ଇରାକ ଛାଡି ଯାଇଛନ୍ତି ଏବଂ ସାଉଦି ଆରବ ଦେଇ ଭାରତ ଫେରିବେ ବୋଲି ଆଶା କରାଯାଉଛି।

? ଏମଭି ଏମକେଡି ବ୍ୟୋମର ୧୬ ଜଣ ଏବଂ ଏମଟି ସ୍କାଏଲାଇଟର ୮ ଜଣ ସମେତ ୨୪ ଜଣ ଉଦ୍ଧାର ଭାରତୀୟ ନାବିକ ପୂର୍ବରୁ ଓମାନରୁ ଭାରତ ଫେରି ଆସିଛନ୍ତି।

# ପୁରୀରେ ଫିଟ୍ ଇଣ୍ଡିଆ କାର୍ନିଭାଲ ୨୧ ମାର୍ଚ୍ଚରୁ




ପୁରୀ : ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଚଳିତ ମାସ ୨୧ ରୁ ୨୩ ପର୍ଯ୍ୟନ୍ତ ପୁରୀର ଗୋଲଡ୍ଡେନ୍ ବିଚ୍‌ରେ ଅନୁଷ୍ଠିତ ହେବ । ଯାହା ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ଫିଟନେସ୍, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ସମ୍ପର୍କକୁ ଏକତ୍ର କରିବ । ଏହି ତିନି ଦିନିଆ କାର୍ନିଭାଲ୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (SAI), ଆଂଚଳିକ କେନ୍ଦ୍ର କୋଲକାତା ଦ୍ୱାରା ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ହେଉଛି । କାରନିଭାଲ୍ ପୁରୀ ସଂସ୍କରଣ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଆଧୁନିକ ଫିଟନେସ୍ ଅଭ୍ୟାସ ସହିତ ମିଶ୍ରଣ କରିବା ପାଇଁ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଛି, ଯାହା ପରମ୍ପରାକୁ ସମସାମୟିକ ସୁସ୍ଥତା ସହିତ ସଂଯୋଗ କରୁଥିବା ଏକ ଅନନ୍ୟ ଅଭିଜ୍ଞତା ସୃଷ୍ଟି କରିବ ବୋଲି କହିଛନ୍ତି ଭାରତୀୟ କ୍ରୀଡା ପ୍ରାଧିକରଣର ଆଂଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ମାନ ଙ୍କୁ ସୂଚନା ଦେଇ ଶ୍ରୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନେ ଯୋଗ ସେସନ୍, ଜୁମ୍ବା ଏବଂ ଇଂଟରାକ୍ଟିଭ୍ ଫିଟନେସ୍ ଚ୍ୟାଲେଞ୍ଜ ସମେତ ସମସ୍ତ ବୟସ ଗୋଷ୍ଠୀ ପାଇଁ ଡିଜାଇନ୍ କରାଯାଇଥିବା ମଜାଦାର କାର୍ଯ୍ୟକଳାପ ଜୋନ୍ ସହିତ ଯୋଡା ଯାଇଛି ବୋଲି କହିଥିଲେ । ଏହି କାର୍ନିଭାଲରେ ପାରମ୍ପରିକ ଖେଳ ଏବଂ ସ୍ୱଦେଶୀ କ୍ରୀଡା ସହିତ ବେଳାଭୂମି- ଭିତିକ କ୍ରୀଡା କାର୍ଯ୍ୟକଳାପ ଯେପରିକି ବେଳାଭୂମି କ୍ରିକେଟ୍, ଭଲିବଲ୍, କୁସ୍ତି ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହେବ ଯାହା ଶାରୀରିକ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ସହିତ ସ୍ଥାନୀୟ ଐତିହ୍ୟକୁ ପାଳନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ।ଅଭିଜ୍ଞତାକୁ ଆହୁରି ଯୋଡିବା ସହିତ, ଏହି କାର୍ଯ୍ୟକ୍ରମରେ ଗୋଟିପୁଅ ନୃତ୍ୟ, ପାଇକ ଆଖଡା ପ୍ରଦର୍ଶନ, ସମ୍ବଲପୁରୀ ନୃତ୍ୟ ଏବଂ ଅନ୍ୟାନ୍ୟ ପାରମ୍ପରିକ କଳା ପ୍ରକାରର ସାଂସ୍କୃତିକ ପ୍ରଦର୍ଶନ ପ୍ରଦର୍ଶନ କରାଯିବ, ଯାହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସ୍ପନ୍ଦନଶୀଳ ଏବଂ ନିମଜ୍ଜିତ ପରିବେଶ ସୃଷ୍ଟି କରିବ । ପ୍ରତ୍ୟେକ ଦିନ ସକାଳ ୬ ଟାରୁ ଦିବା ୯ ଓ ଅପରାହ୍ନ ୪.୩୦ ରୁ ରାତ୍ରି ୮.୩୦ ମିନିଟ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଫିଟ୍ ଇଣ୍ଡିଆ କାର୍ନିଭାଲରେ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ କ୍ରୀଡାବିତ୍‌ଙ୍କ ଉପସ୍ଥିତି ରହିବାର କାର୍ଯ୍ୟକ୍ରମ ରହିଛି । ଯେଉଁଥିରେ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡା ଏବଂ ଯୁବ ସେବା, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ, ଡା ସମ୍ବିତ ପାତ୍ର ସାଂସଦ, ପୁରୀ ଏବଂ ଓମ୍ ପ୍ରକାଶ ମିଶ୍ର, ବିଧାୟକ, ସତ୍ୟବାଦୀ ଅନ୍ତର୍ଭୁକ୍ତ ହେବେ । ଏହି କାର୍ଯ୍ୟକ୍ରମରେ ମାରାଥନର୍ ତଥା ଦୁଇଥର ମାନ୍ୟୁଆଲ୍ ଟ୍ରେଡମିଲ୍ ଧାରୀ ସୁମିତ କୁମାର ସିଂହ, ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାର (ଭାରୋତୋଳନ), ଅଲିମ୍ପିଆନ୍ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦଙ୍କ ଭଳି ପ୍ରସିଦ୍ଧ କ୍ରୀଡାବିତ୍ ମଧ୍ୟ ଯୋଗଦେବେ ବୋଲି ସେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏଥିରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାଇର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପ ନିର୍ଦ୍ଦେଶକ ତୈଲୋକ୍ୟ ନାଥ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲାସ୍ତରୀୟ ପଖାଳ ଦିବସ ପାଳିତ



ପୁରୀ ୨୦/୩ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗ ରେ ପାନ୍ଥନିବାସରେ ଆଜି ପୁରୀ ଜିଲ୍ଲା ସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା ।ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ମନ୍ତ୍ରୀ ମଣ୍ଡଳର ଅନ୍ୟାନ୍ୟ ସଦସ୍ୟ, ବିଧାୟକ ପ୍ରମୁଖ ପଖାଳ ଦିବସର ତାତ୍ପର୍ଯ୍ୟ ଓ ଓଡ଼ିଆ ଅସ୍ମିତା ସହ ପଖାଳ ର ସମ୍ପର୍କ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଦେଶର ଏକାଧିକ ରାଷ୍ଟ୍ର ସହ ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଏହି ଦିବସ ସହ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସଂଯୁକ୍ତ ହୋଇ ଶୁଭେଚ୍ଛା ଜଣାଇଥିଲେ । ପୁରୀ ପାନ୍ଥନିବାସରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଭାସୀ ମାଧ୍ୟମରେ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ପଖାଳ ଆମ ପରମ୍ପରା ଓ ସଂସ୍କୃତି ସହ ଜଡିତ । ଏହା ସମସ୍ତ ବର୍ଗଙ୍କ ପାଇଁ ଏକ ସୁଖାଦ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିବା ସହ ପଖାଳ ମଧ ଖାଇଥିଲେ ।ଅନ୍ୟ ମାନଙ୍କ ମଧ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଉପମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।ଏହି ଅବସରରେ ପାନ୍ଥନିବାସର ପର୍ଯ୍ୟଟକ ମାନେ ମଧ ପଖାଳ ଖାଇ ଖୁସି ବ୍ୟକ୍ତ କରିଥିଲେ ।ପୁରୀ ର ବିଭିନ୍ନ ସ୍ଥାନରେ ମଧ ବିବିଧ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ



ପୁରୀ : ଆସନ୍ତା ୨୫ ତାରିଖ ବୁଧବାର ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୦୯ରୁ ୧.୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି । ଗଣତିମଣତିର ଭିଡ଼ିଓଗ୍ରାଫି,ଫଟୋଗ୍ରାଫି, 3D MAPPING ହେବ । ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତିମଣତି ହେବ । ୧୯୭୮ ମସିହାର ଗଣତି ମଣତି ପୂର୍ଣ୍ଣାଙ୍ଗ ତାଲିକା ଅନୁଯାୟୀ ମେଳକ କରାଯିବ । ସ୍ୱର୍ଣ୍ଣ ଅଳଙ୍କାର ହଳଦିଆ ରଙ୍ଗର ଭେଲଭେଟ କନାରେ ଗୁଡ଼ାଯାଇ ଟିଣ ବାକ୍ସ ଓ ପରେ ତାକୁ ସିନ୍ଧୁକରେ ରଖାଯିବ । ରୌପ୍ୟ ଅଳଙ୍କାର ଧଳା ବା ସିଲଭର ରଙ୍ଗ ଓ ଅନ୍ୟାନ୍ୟ ଅଳଙ୍କାର ଲାଲ ରଙ୍ଗ ଭେଲଭେଟ କନାରେ ଗୁଡ଼ାଯାଇ ରଖାଯିବ । କେବଳ ମେଳକ, ଗଣତି କରାଯିବ । କୌଣସି ମୂଲ୍ୟାୟନ ହେବ ନାହିଁ । କେବେ ସଂପୂର୍ଣ୍ଣ ଗଣତିମଣତି ସରିବ କହି ହେବ ନାହିଁ । ପାରମ୍ପରିକ ବସ୍ତ୍ର ପିନ୍ଧି ହେବ ଗଣତିମଣତି କରାଯିବ । ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ supervising team I handling team ଏହିଭଳି ଦୁଇଟି ଟିମ୍ ଗଠିତ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ supervising teamର ଅଧକ୍ଷ ରହିଥିବାବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି । ସେହିପରି handling teamରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀ ମନ୍ଦିର ବଣିଆ ସେବକ, ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ jemologist, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ । ବିଶେଷ ଦିନ, ପର୍ବ ପର୍ବାଣୀ, ଶନିବାର ଓ ରବିବାର ଦିନ ଗଣତିମଣତି ହେବ ନାହିଁ । ହାଇକୋର୍ଟ ଗଣତିମଣତି ଶେଷ ପାଇଁ ୩ ମାସ ସମୟ ଦେବାପରେ ରାଜ୍ୟ ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି । ୧୯୭୮ ମସିହାରେ ୭୨ ଦିନ ଗଣତି ମଣତି ହୋଇଥିବା ବେଳେ ବର୍ତ୍ତମାନ ଗଣତିମଣତି ସମୟରେ ଅଳଙ୍କାର ଓଜନ କରାଯିବ କିନ୍ତୁ ମୂଲ୍ୟାୟନ କରାଯିବନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଭିତର ରତ୍ନଭଣ୍ଡାରର ଗଣତିମଣତି ଦିନ ଟ୍ରେଜେରୀରୁ ଚାବି ଆସିବ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲିବ ଏବଂ ବନ୍ଦ କରାଯିବ । ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରାଯିବ ବୋଲି କହିଛନ୍ତି ରତ୍ନଭଣ୍ଡାର ତଦାରଖ କମିଟିର ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ।

# କୋଣାର୍କ ଯାତ୍ରୀ ନିବାସରେ ପଖାଳ ଦିବସ ପାଳିତ




କୋଣାର୍କ : ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପରିଚାଳିତ କୋଣାର୍କ ଯାତ୍ରୀ ନିବାସ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଦହି ପଖାଳ ସହିତ ବିଭିନ୍ନ ପ୍ରକାର ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ପଖାଳ ସହ ଆମିଷ ଓ ନିରାମିଷ ପାରମ୍ପରିକ ବ୍ୟଞ୍ଜନ ଖାଇ ପର୍ଯ୍ୟଟକ ମାନେ ଖୁସିବ୍ୟକ୍ତ କରୁଥିବା ବେଳେ ଓଡ଼ିଆ ଖାଦ୍ୟର ପ୍ରଶଂସା କରିଥିଲେ । ପାରମ୍ପାରିକ ମାଛ ଭଜା, ଚିଙ୍ଗୁଡ଼ି ଛେଚା, ଶାଗ, କଖାରୁ ଫୁଲ ପିଠା, କାକୁଡି, ପାମ୍ପଡ, ଆଳୁ ଚକଟା, ବଡି ଚୁରା, ଆମ୍ବ ଚଟଣୀ, ବିଭିନ୍ନ ପରିବା ଭଜା, ଖଟା ଆଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ, ରେଷ୍ଟୁରାଂଟ ପରିଚାଳକ ବିକାଶ କୁମାର ସ୍ୱାଇଁ, ବଳରାମ ମହାପାତ୍ର, ଲକ୍ଷ୍ମିପ୍ରୀୟା ବେହେରା ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିଥିଲେ । ହେଲେ କୋଣାର୍କ ପର୍ଯ୍ୟଟନ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଦେଖିବାକୁ ମିଳି ନଥିଲା ।

# ଉର୍ଜାବାନ ଓଡିଶା ଟ୍ରଷ୍ଟ ତରଫରୁ ପଖାଳ ଦିବସ ପାଳନ




ପୁରୀ : ଓଡ଼ିଆ ମାନଙ୍କର ପର୍ବପର୍ବାଣୀ ଭିତରେ ଯେମିତି ବିଭିନ୍ନତା ରହିଛି ସେମିତି ଓଡ଼ିଆ ଖାଦ୍ୟର ମଧ ଏକ ସତନ୍ତ୍ରତା ରହି ଆସିଛି । ଭିନ୍ନ ଭିନ୍ନ ଋତୁରେ ପରିବେଶ ଅନୁକୁଳିତ ଖାଦ୍ୟ ପେୟ ଅନେକାଂଶରେ ବୈଜ୍ଞାନିକ ସମ୍ମତ ମଧ । ସହସ୍ରାଧିକ ବ୍ୟଞ୍ଜନ ମଧ୍ୟରେ ଗ୍ରାମ ବହୁଳ କୃଷି ସମ୍ବଳ ଓଡ଼ିଶାରେ ପ୍ରତି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ । ପଖାଳ କେବଳ ଓଡ଼ିଆଙ୍କ ଖାଦ୍ୟ ସାରଣୀ ଭିତରୁ ଅନ୍ୟତମ ନୁହେଁ ଏହା ଓଡ଼ିଆଙ୍କ ଅସ୍ମିତା ଆନନ୍ଦ ଆତ୍ମତୃପ୍ତି ଆଉ ଆବେଗ । ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରା ଯାଉଛି । ଆମ ସଂସ୍କୃତି ପରମ୍ପରା ଓ ଚାଲି ଚଳନିକୁ ବିଶ୍ୱ ସ୍ତରରେ ପହଂଚାଇବା ପାଇଁ ଏହା ଏକ ଉଦ୍ୟମ । ଏଇ ଅବସରରେ ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପଖାଳ ଦିବସ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୁରୀର ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ଜୟନ୍ତ ଷଡ଼ଙ୍ଗୀ ଏବଂ ଇ ୨୪ ହସ୍ପିଟାଲ ପ୍ରତିଷ୍ଠାତା ଇଂ ରାଜେଶ କୁମାର ମିଶ୍ର ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସହରର ଅନେକ ଯୁବ ସମାଜ ସେବୀ, ଗଣମାଧ୍ୟମର ପ୍ରତିନିଧିଗଣ ଅନେକ ମହିଳା ତଥା ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ଏକାଠି ବସି ପଖାଳ ଖାଇଥିଲେ । ଦହି ଛୁଙ୍କ ପଖାଳ ସାଙ୍ଗକୁ, ଆଳୁ ଭର୍ତ୍ତା, ଟମାଟ ପୋଡା, ବାଇଗଣ ପୋଡା, କଲରା ଭଜା, ସଜନା ଚୁଇଁ ବେସର ଭଜା, ବଡି ଚୁରା, କୋଶଳା ଶାଗ, ଦେଶୀ ପିଆଜ, କାକୁଡି ଭାକୁର ମାଛ ଭଜା, ଚିଙ୍ଗୁଡ଼ି ଛେଚା ସବୁର ବ୍ୟବସ୍ଥା ହୋଇଥିଲା । ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅତିଥି ଆଗନ୍ତୁକ ମାନଙ୍କୁ ବୃକ୍ଷ ଚାରା ପ୍ରଦାନ କରା ଯାଇଥିଲା । ଅନୁଷ୍ଠାନର ସମ୍ପାଦିକା ନିହାରିକା ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ କ୍ଷଅନୁଷ୍ଠାନର ଏଭଳି ଉଦ୍ୟମକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ

# ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ



ଭବାନୀପାଟଣା : କଳାହାଣ୍ଡି ଜିଲ୍ଲାସ୍ତରୀୟ ପଖାଳ ଦିବସ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ରେ ଆଜି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଓଡିଆଙ୍କର ପାରମ୍ପରିକ ପ୍ରିୟ ଖାଦ୍ୟ ପଖାଳ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ୍ ସୂଚନା ଦେଇ ପଖାଳ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ବିଡିଓ ଭବାନୀପାଟଣା ଚନ୍ଦନ ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧକାନ୍ତ ଛତ୍ରିୟା, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ପ୍ରମୁଖ ଯୋଗ ଦେଇ ପଖାଳ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯକ୍ରମରେ ସମସ୍ତେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ ଖାଇଥିଲେ ।

# ପୁରୀ ପୋଲିସ ପକ୍ଷରୁ ସଡକ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି



ପୁରୀ : ପୁରୀ ଜିଲ୍ଲାରେ ସଡକ ସୁରକ୍ଷାକୁ ଅଧିକ ସୁଦୃଢ କରିବା ଓ ଯାତାୟାତ ନିୟମ ପାଳନକୁ କଡାକଡି କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା ଚେକିଂ ଅଭିଯାନ ଚାଲୁ ରହିଛି । ଏହି ବ୍ୟାପକ ଅଭିଯାନ ଅନୁଷ୍ଠାନରେ ଯାତାୟାତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଅଭିଯାନ ସମୟରେ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଂଚଳରେ ଚେକିଂ କରାଯାଇ ମୋଟ ୨,୧୭,୦୦୦/- ଟଙ୍କା ଜରିମାନା ଆଦାୟ କରାଯାଇଛି । ଟ୍ରାଫିକ ପୋଲିସ ଷ୍ଟେସନ ୧,୨୭,୦୦୦/-, ବାସେଲିସାହି ପୋଲିସ ଷ୍ଟେସନ ୧୦,୦୦୦/-, କୁମ୍ଭାରପଡା ପୋଲିସ ଷ୍ଟେସନ ୮,୫୦୦/-, ବ୍ରହ୍ମଗିରି ପୋଲିସ ଷ୍ଟେସନ ୮,୦୦୦/-, ସିଂହଦ୍ୱାର ପୋଲିସ ଷ୍ଟେସନ ୭,୫୦୦/-, ତାଳବଣିଆ ପୋଲିସ ଷ୍ଟେସନ ୭,୦୦୦/-, କୋଣାର୍କ ପୋଲିସ ଷ୍ଟେସନ ୭,୦୦୦/-, ସତ୍ୟବାଦୀ ପୋଲିସ ଷ୍ଟେସନ ୭,୦୦୦/-, ସମୁଦ୍ରକୁଳ ପୋଲିସ ଷ୍ଟେସନ ୬,୦୦୦/-, ବାଳିଆପଣ୍ଡା ପୋଲିସ ଷ୍ଟେସନ ୬,୦୦୦/- , ବଳଙ୍ଗା ପୋଲିସ ଷ୍ଟେସନ ୬,୦୦୦/-, କାକଟପୁର ପୋଲିସ ଷ୍ଟେସନ ୬,୦୦୦/-, ଚନ୍ଦ୍ରଭାଗା ମେରାଇନ ପୋଲିସ ଷ୍ଟେସନ ୪,୦୦୦/-, ଗୋପ ପୋଲିସ ଷ୍ଟେସନ ୩,୫୦୦/-, ଅସ୍ତରଙ୍ଗ ପୋଲିସ ଷ୍ଟେସନ ୩,୦୦୦/-, ପେଣ୍ଠକଟା ମେରାଇନ ପୋଲିସ ଷ୍ଟେସନ ୩,୦୦୦/-, ରାମଚଣ୍ଡୀ ପୋଲିସ ଷ୍ଟେସନ ୩,୦୦୦/-, ଅସ୍ତରଙ୍ଗ ମେରିନ ପୋଲିସ ଷ୍ଟେସନ ୨,୦୦୦/-, ଅରଖକୁଦା ମେରାଇନ ପୋଲିସ ଷ୍ଟେସନ ୨,୦୦୦/-, ଚାରିଛକ ପୋଲିସ ଷ୍ଟେସନ ୧,୫୦୦/- ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଲା ସଡକରେ ଶୃଙ୍ଖଳା ବଜାୟ ରଖିବା, ଦୁର୍ଘଟଣା କମାଇବା ଓ ସାଧାରଣ ଲୋକଙ୍କୁ ଯାତାୟାତ ନିୟମ ପାଳନ ପାଇଁ ସଚେତନ କରିବା । ପୁରୀ ପୋଲିସ ସଦା ସର୍ବଦା ଲୋକଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଟେ ଏବଂ ଏହିପରି ଚେକିଂ ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ । ପୁରୀ ପୋଲିସ ସମସ୍ତ ଯାନଚାଳକଙ୍କୁ ଅନୁରୋଧ କରୁଛି ଯେ ହେଲମେଟ ଓ ସିଟ ବେଲ୍ଟ ପରିଧାନ କରନ୍ତୁ, ମଦ୍ୟପାନ କରି ଗାଡି ଚଳାନ୍ତୁ ନାହିଁ, ନିର୍ଦ୍ଧାରିତ ଗତି ସୀମା ପାଳନ କରନ୍ତୁ, ସମସ୍ତ ଟ୍ରାଫିକ ନିୟମ ମାନନ୍ତୁ । ନିୟମ ଉଲ୍ଲଙ୍ଘନ କଲେ କଡା ଆଇନନୁଖୀ କାର୍ଯ୍ୟାନୁଷ୍ଠାନ ହେବା ସହିତ ଜରିମାନା ଆଦାୟ କରାଯିବ । ସାଧାରଣ ଲୋକଙ୍କ ସହଯୋଗରେ ଆମେ ଏକ ସୁରକ୍ଷିତ ଓ ଶୃଙ୍ଖଳିତ ପୁରୀ ଗଢିବାରେ ସଫଳ ହେବା ।

# ପୁରୀ ସି ବିଚ୍ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ଓ ସାମାଜିକ ସୁରକ୍ଷା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ



ପୁରୀ : ଜିଲ୍ଲାର ସି ବିଚ୍ ଥାନା ଅଂଚଳରେ ଆଇନ ଶୃଙ୍ଖଳା ଓ ସାମାଜିକ ସୁରକ୍ଷା ବଜାୟ ରଖିବା ପାଇଁ ୨୦୨୬ ବର୍ଷର ଆରମ୍ଭରୁ ଏପର୍ଯ୍ୟନ୍ତ ପୋଲିସ ଦ୍ୱାରା ବିଭିନ୍ନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକଳାପ ସୀ ବିଚ୍ ଥାନାର ଆଇଆଇସି ଶ୍ରୀ ମନସ ଚକ୍ରଙ୍କ ନେତୃତ୍ୱରେ ସଫଳଭାବେ ପରିଚାଳିତ ହେଉଛି । ୨୦୨୬ ଜାନୁଆରୀ ୧ ତାରିଖରୁ ଏପର୍ଯ୍ୟନ୍ତ ସୀ ବିଚ୍ ଥାନାରେ ମୋଟ ୯ଟି ଏକ୍ସାଇଜ୍ ମାମଲା ରଜିଷ୍ଟର ହୋଇଥିବା ବେଳେ ୪୧.୩୪ ଲିଟର ବିଦେଶୀ ମଦ (F/L) ଓ ୫୫ ଲିଟର ଦେଶୀ ମଦ (I/D) ଜବତ କରାଯାଇଛି । ମଦ୍ୟପାନ କରି ଯାନ ଚାଳନା ବିରୋଧରେ କଡା ଅଭିଯାନ ଚାଲାଇ ୧୫ଟି ଡ୍ରଂକେନ ଡ୍ରାଇଭ୍ ମାମଲା ରଜିଷ୍ଟର କରାଯାଇଛି । ସେହିପରି ସାଧାରଣ ସ୍ଥାନରେ ମଦ୍ୟପାନ କରିବା ବିରୋଧରେ ୨୬୬ଟି ପିଆର୍ (PR) ମାମଲା ଦାଖଲ ହୋଇଛି । ସାମାଜିକ ଶାନ୍ତି ଓ ନିରାପତା ନିମନ୍ତେ ଚାଲିଥିବା ବିଶେଷ ଅଭିଯାନରେ ଏହି ବର୍ଷ ସୀ ବିଚ୍ ଥାନା ପକ୍ଷରୁ ୩୦ ଜଣ ଅସାମାଜିକ ତତ୍ୱଙ୍କୁ ଗିରଫ କରାଯାଇଛି । ସେମାନଙ୍କ ବିରୋଧରେ ବିଭିନ୍ନ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାସହ ଅଭ୍ୟାସଗତ ଅପରାଧୀମାନଙ୍କୁ ରୋକିବା ପାଇଁ ୨୦୨୬ ମସିହାରେ ୩ ଜଣ ହାବିଚୁଆଲ୍ ଅଫେଣ୍ଡରଙ୍କ ବିରୋଧରେ ୧୨୯ ବିଏନଏସ୍ (BNS) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଗତ ବର୍ଷ ୨୦୨୫ରେ ଏହି ଆଇନ ଅନୁଯାୟୀ ୨୬ ଜଣଙ୍କ ବିରୋଧରେ ମଧ ମାମଲା ହୋଇଥିଲା, ଯାହା ପୋଲିସର ଦୃଢ ମନୋଭାବକୁ ପ୍ରକାଶ କରେ । ସୀ ବିଚ୍ ଥାନା ପୋଲିସ ସଦା ଲୋକଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ଓ ଶାନ୍ତି ପ୍ରତି ବଦ୍ଧପ୍ରତିଜ୍ଞ । ସାଧାରଣ ଲୋକମାନଙ୍କୁ ଅନୁରୋଧ ଯେ, ସେମାନେ ଆଇନକୁ ସମ୍ମାନ କରି ସହଯୋଗ କରନ୍ତୁ ଏବଂ କୌଣସି ଅସାମାଜିକ କାର୍ଯ୍ୟକଳାପ ଦେଖିଲେ ୧୧୨ରେ କଲ କରି ପୋଲିସକୁ ସୂଚନା ଦିଅନ୍ତୁ ।

# ତୃତୀୟ ଦିବସରେ ବୈତରଣୀ ଆଳତୀ



ଯାଜପୁର : 'ଯଯାତି-୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'ର ଆଜି ଶୁଭାରମ୍ଭ ପୂର୍ବରୁ ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି' ଅନୁଷ୍ଠିତ ହୋଇଯାଇଛି । ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ବୈତରଣୀ ତଟ ଏକ ଅପୂର୍ବ ଆଧ୍ୟାତ୍ମିକ ଶୋଭା ଧାରଣ କରିବା ସହ ଜିଲ୍ଲାର ପ୍ରାଚୀନ ଗୌରବକୁ ପୁଣି ଥରେ ପ୍ରତିଫଳିତ କରିଛି । ଏହି ଅବସରରେ ସ୍ଥାନୀୟ ଗଙ୍ଗେଶ୍ୱର୍ ଶିବ ମନ୍ଦିରରୁ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା । ଏହି ଅବସରରେ ପାରମ୍ପରିକ ଘୋଡ଼ା ନାଚ, ମୃଦଙ୍ଗର ତାଳ ଏବଂ ଘଂଟଧ୍ୱନିରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ମାଆ ବୈତରଣୀ ନଦୀ ନିକଟରେ ଶାସ୍ତ୍ରୀୟ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାର ଶାନ୍ତି, ସମୃଦ୍ଧି ଓ ସାମଗ୍ରିକ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା । ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶିତିକଣ୍ଠ କାନୁନଗୋଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ ।

## ସମ୍ପାଦକୀୟ

# ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ

ଭାରତରେ ଉତ୍ପାଦିତ କେତେକ ଜିନିଷର ଶୁଦ୍ଧତାକୁ ନେଇ ଏବେ ଆନ୍ତର୍ଯାତୀୟ ସ୍ତରରେ ପ୍ରଶ୍ନ ଉଠିଲାଣି। ଏଣୁ ଏକଥା ସ୍ପଷ୍ଟ ଯେ ଆମ ରୋଷେଇ ଘରେ ଅପମିଶ୍ରିତ ବା ଶୁଦ୍ଧତା ଜିନିଷ ପଶିଗଲାଣି। ଏକଥା ଜଣାପଡ଼ିଛି ଯେତେବେଳେ ଭାରତର ନାମଜାଦା ମସଲା ବ୍ରାଣ୍ଡ ଏମ୍‌ଡିଏଚ ଏବଂ ଏଭରେଷ୍ଟର ସମ୍ବର ମସଲା ଏବଂ ମାଛତରକାରୀ ମସଲାକୁ ସିଙ୍ଗାପୁର ଏବଂ ହଙ୍ଗକଙ୍ଗରେ ବ୍ୟାନ କରାଯାଇଛି। କେବଳ ସେତିକି ନୁହେଁ ସିଙ୍ଗାପୁର ଓ ହଙ୍ଗକଙ୍ଗର ବଜାରରେ ଥିବା ସବୁ ଏବଂ ବ୍ରାଣ୍ଡର ମସଲାକୁ ଫେରେଇ ଦିଆଯାଇଛି। ଆଉ ଏକ ସମ୍ବେଦନଶୀଳ ଖବର ହେଉଛି ୟୁରୋପୀୟ ୟୁନିୟନ ମାତ୍ର କିଛି ମାସର ଅନ୍ତରାଳରେ ଭାରତରୁ ରପ୍ତାନୀ ହେଉଥିବା ୫୩୭ଟି ଆଇଟମ (ଜିନିଷ)ରେ ଅପମିଶ୍ରଣ କରାଯାଇଥିବା କଥା କହିଛି। ୟୁରୋପୀୟ ୟୁନିୟନ ପକ୍ଷରୁ କୁହାଯାଇଛି ଯେ ମସଲା ଏବଂ ଏସବୁ ୫୩୭ ଆଇଟମରେ ଏଥିଲିନ ଅକସାଇଡ ନାମକ ରସାୟନ ରହଛି ଯେଉଁଥିପାଇଁ କ୍ୟାନସର ହୋଇପାରେ। ନାମଜାଦା କମ୍ପାନୀ ନେସଲେ ନାମରେ ମଧ ଏହିଭଳି ଅଭିଯୋଗ ରହଛି। ଶିଶୁ ଆହାର ପ୍ରସ୍ତୁକର୍ତ୍ତା ନେସଲେ କମ୍ପାନୀ ଉତ୍ପାଦନ କରୁଥିବା ଶିଶୁଆହାରରେ ଅଧିକମାତ୍ରାର ଚିନି ମିଶା ଯାଉଥିବା କଥା ମଧ ଜଣାପଡ଼ିଛି। ଏକଥା ମଧ ଜଣାପଡ଼ିଛି ଯେ ଆମେରିକା ବିଗତ ୬ମାସ ମଧରେ ଏମ୍‌ଡିଏଚର ମସଲା ମଧରୁ କେତେକ ମସଲାରେ ସାଲମୋନେଲା ବିଷାଣୁ ଥିବା କଥା କହି ଫେରାଇ ଦେଇଛି। ଏହି ବିଷାଣୁ କାରଣରୁ ଡାଇରିଆ ଓ ଜ୍ୱର ଆଦି ହୋଇପାରେ। ଏପରିକି ଅନ୍ତନଳୀର କ୍ଷତି କରିପାରେ ଏହି ବିଷାଣୁ। ଯୋଗଗୁରୁରୁ ବେପାରି ପାଲଟିଥିବା ରାମଦେବଙ୍କ ପତଞ୍ଜଳୀ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଘିଅ, ନୁଡୁଲସ୍ ଏବଂ ଔଷଧରେ ଅପମିଶ୍ରଣ କଥା ମଧ ଜଣାପଡ଼ିଥିଲା। କୋରନା ନାଶକ ଔଷଧ ପାଇଁ ମଧ ରାମଦେବ ବିବାଦରେ ଥିଲେ ଏପରିକି ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯିବା ପରେ ସେ କୋର୍ଟରେ କ୍ଷମା ପ୍ରାର୍ଥନା କରିଥିଲେ। ୟୁରୋପୀୟ ୟୁନିୟନ, ସିଙ୍ଗାପୁର ଏବଂ ହଙ୍ଗକଙ୍ଗର ତଦନ୍ତକାରୀ ସଂସ୍ଥାମାନେ ଅପମିଶ୍ରଣ ସମ୍ପର୍କରେ ଜାଣିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସେମାନେ ଯେତେବେଳେ ରପ୍ତାନୀ କରାଯାଉଥିବା ମସଲା ଓ ଅନ୍ୟ ଖାଦ୍ୟଦ୍ରବ୍ୟରେ ହାନିକାରକ ରସାୟନ ଥିବା ଜାଣିପାରିଥିଲେ ସେତେବେଳେ ଆମ ଦେଶର ଖାଦ୍ୟ ନିୟାମକ ଏଫଏସଏସଏଆଇ ବାଧ ହୋଇ କହିଥିଲେ ଯେ ଏବେ ଆମେ ଆମ ଦେଶରେ ଏ ସବୁର ତଦନ୍ତ କରିବୁ। କଥା ହେଉଛଇ ଆମେ ଯେଉଁ ଖାଦ୍ୟ ଅବା ଔଷଧ ଖାଉଛେ ତାହା ଶତପ୍ରତିଶତ ଶୁଦ୍ଧ ବୋଲି କିଛି ଗ୍ୟାରେଣ୍ଟି ନାହିଁ। କେଉଁଥିରେ କଣ ମିଶାଯାଇଛି ଏବଂ କେଉଁ ଜିନିଷ ଖାଦ୍ୟ ଉପଯୋଗୀ ସେ ବାବଦରେ କାହାରିକୁ କିଛି ବି ଜଣାନାହିଁ। ଆମ ଦେଶରେ ଡ୍ରଗ୍ କଣ୍ଟ୍ରୋଲରଅଛନ୍ତି, ଖାଦ୍ୟ ନିୟାମକ ରହିଛି, ଉପଭୋକ୍ତା ମନ୍ତ୍ରାଳୟ ମଧ ଅଛି, କିନ୍ତୁ ଏମାନେ କରୁଛନ୍ତି କ'ଣ ? ଅପମିଶ୍ରଣ ପାଇଁ ଅନେକ ଆଇନ ମଧ ରହିଛି ଓ ଏହି ଆଇନ୍ ଅନୁସାରେ ଅପମିଶ୍ରଣକାରୀକୁ ୬ମାସରୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ମଧ ରହିଛି ଏବଂ ଏକଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାର ଜୋରିମନାର ବ୍ୟବସ୍ଥା ରହିଛି। ଏସବୁ ଥାଇ ମଧ ବୋଧହୁଏ ଏଥିରେ ମଧ ଅପମିଶ୍ରଣ ରହିଛି ଯେଉଁଥିପାଇଁ ଏଭଳି ଜଘନ୍ୟ ଘଟଣାକୁ ରୋକାଯାଇ ପାରୁନାହିଁ। ପ୍ରତିବର୍ଷ ହୋଲି ଓ ଦୀପାବଳି ବେଳେ ଟନଟନ ଅପମିଶ୍ରିତ ମିଠାଦ୍ରବ୍ୟ ଧରାପଡ଼ିଥାଏ। ଏ ବାବଦରେ ବିଭିନ୍ନ ସମ୍ବାଦପତ୍ରରେ ଖବର ମଧ ପ୍ରକାଶିତ ହୋଇଥାଏ। ଏସବୁ ଏବେ ଉତ୍ସବର ଅଂଶବିଶେଷ ପାଲଟି ଯାଇଛି। ଉତ୍ସବ ବେଳେ ଧରପଗଡ଼, ଉତ୍ସବ ସରିଲେ ଯେଉଁ କଥାକୁ ସେଇକଥା। ପନିଅର (ଛେନା) ଆମର ରାଷ୍ଟ୍ରୀୟ ଭୋଜ୍ୟ ପଦାର୍ଥ ହୋଇଯାଇଛି। ପନିଅର ବିନା ଉତ୍ତମ ଭୋଜନ ଆଶା କରାଯାଇପାରେନା। କିନ୍ତୁ ଏକ ତଥ ଭିତ୍ତିକ ରିପୋର୍ଟ ଅନୁସାରେ ବଜାରରେ ମିଳୁଥିବା ପନିଅର ମଧରୁ ୭୦ ପ୍ରତିଶତ ଶୁଦ୍ଧ ନୁହେଁ। କିଛି ମାସ ତଳେ ଜଣାପଡ଼ିଥିଲା ଯେ ପିଲାମାନଙ୍କର ପ୍ରିୟ କଟନ କାଟନ କାଣ୍ଡି ରେ କ୍ୟାନସର କାରକ ରସାୟନ ମିଳିଥିଲା। ଏହି କାରଣରୁ ତାମିଲନାଡୁ ଏବଂ ପଣ୍ଡିଚେରୀରେ ଏହାର ବିକ୍ରୀକୁ ନିଷେଧ କରାଯାଇଛି। କିନ୍ତୁ ବାକି ରାଜ୍ୟରେ ଏହାର ବିକ୍ରୀ ଚାଲିଛି। ଖାଦ୍ୟ ତେଲ ମଧ ଅପମିଶ୍ରଣର ଅପନିନ୍ଦାରୁ ବର୍ତ୍ତି ପାରିନାହିଁ। ପାମଅଏଲରେ ଅପମିଶ୍ରଣ ହେଉଛି ବୋଲି ଅନେକ ତଥ୍ୟ ରହିଛି। ବଜାରରେ ମିଳିଥିବା ରିଫାଇନ ତେଲ ଓ ଶୋରିଷ ତେଲ ମଧ ଶୁଦ୍ଧି ନୁହେଁ। ବଜାରରେ ମିଳୁଥିବା ତରଭୁଜ ଭଳି ଫଳ ଯେ ଶୁଦ୍ଧି ସେକଥା ମଧ କେହି କହିପାରିବେ ନାହିଁ। ତରଭୁଜର ଆକାର ବୃଦ୍ଧି ପାଇଁ ଓକ୍ସିଟୋସିନ ଏବଂ ଫରକ୍ଲୋରିନ୍ୟୁରାନ ଭଳି କେମିକାଲର ବ୍ୟବହାର କରାଯାଉଛି ଏବଂ ଏହାର ଭିତର ଅଂଶକୁ ଲାଲ କରିବା ପାଇଁ ଇରୋଥ୍ରିନସିନ ବ୍ୟବହାର କରାଯୋଉଥିବା ଜଣାପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଭାରତରେ କୌଣସି ଜିନୀଷ ଶୁଦ୍ଧ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଯେତେବେଳେ ୟୁରୋପୀୟ ୟୁନିୟନ ଭାରତରୁ ଯାଉଥିବା ମସଲା ସାମଗ୍ରୀରେ କ୍ୟାନସର କାରକ କେମିକାଲ ରହିଥିବା କଥା କହିଛନ୍ତି ସେତେବେଳ ସେସବୁ ସାମଗ୍ରୀ ଶୁଦ୍ଧ ବୋଲି କେମିତି କୁହାଯାଇପାରିବ। ଚାଉଳ, ଗହମ ଏବଂ ସୋୟା ଭଳି ଆମର ନିୟମିତ ଭୋଜନ ହେଉ ବା ଘିଅ, ଦୁଗ୍ଧ ଏବଂ ଲହୁଣି ଭଳି ଡାଏରୀ ଉତ୍ପାଦ, ପେୟପଦାର୍ଥ ଏବଂ ମସଲା ଏସବୁରେ ଅପମିଶ୍ରଣହେଉଛି। ଦୁଗ୍ଧରେ ପାଣି ମିଶାଇବାକୁ ଏବେ ଆଉ ଅପମିଶ୍ରଣ କୁହାଯାଉନାହିଁ। ଦୁଗ୍ଧରେ ୟୁରିଆ ଓ ଡିଟରଜେଣ୍ଟ ମିଶାଯାଉଥିବା ବାବଦରେ ଅନେକ ଅଭିଯୋଗ ମଧ ରହିଛି। ଅପମିଶ୍ରିତ ବା ନକଲି ଔଷଧ ମଧ ଅଧିକ ଭାବେ ବଜାରକୁ ଆସୁଥିବା ବାବଦରେ କିଛଇମାସ ତଳେ ଜଣାପଡ଼ିଥିଲା। ଭାରତକୁ ବିଶ୍ୱର ଫାର୍ମାସି ହବ୍ ବୋଲି କୁହାଯାଏ କିନ୍ତୁ ଭାରତରେ ଉତ୍ପାଦିତ କଫ୍ ସିରପ, ଆଇଡ୍ରପ ଠାରୁ ଆରମ୍ଭ କରି କ୍ୟାନସରର ଔଷଧ ପୁରାମାତ୍ରାରେ ନକଲି ବୋଲି ଜଣାପଡ଼ିଛି। ସରକାରୀ ଚିକିତ୍ସାଳୟରେ ମାଗଣାରେ ଦିଆଯାଉଥିବା ଔଷଧ ଏବଂ ଜନ ଔଷଧ ଷ୍ଟୋରରେ ମିଳିଥିବା ଔଷଧକୁ ଲୋକେ ଭରଷା କରି ପାରୁନାହାଁନ୍ତି କାହିଁକି ? ରାଜ୍ୟରେ ଦେଶରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢୁଛି କାହିଁକି ? କମ୍ ବୟସର ପିଲାଙ୍କୁ ମଧ ଅନେକ ପ୍ରକାରର ରୋଗ ହେଉଛି କାହିଁକି ? ଏସବୁର ଉତ୍ତର ଦେବ କିଏ ? ଏସବୁ କ'ଣ ହୋଇଗଲା ? ଆମେ ଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିବା ପବନରେ ବିଷ। ପାନୀୟ ଜଳରେ କେମିକାଲ। ଖାଦ୍ୟରେ ପେଷ୍ଟିସାଇଡ଼ ଏବଂ କେମିକାଲ। କ'ଣ କରିବା ? ଖାଦ୍ୟ ପଦାର୍ଥରେ ଅପମିଶ୍ରଣ କଥା ଜଣାପଡ଼ଇବା ପରେ ହି ଫୁଡ଼ ସେଫଟି ଆଣ୍ଡ ଷ୍ଟାଣ୍ଡର୍ଡସ ଅଥରିଟି ଅଫ ଇଣ୍ଡିଆର କାର୍ଯ୍ୟପ୍ରଣାଳିକୁ ନେଇ ପ୍ରଶ୍ନ ଉଠୁଛି। ଏହି ସଂସ୍ଥାର ଦାୟିତ୍ୱ ହେଉଛି ଦେଶରେ ଉତ୍ପାଦିତ ଖାଦ୍ୟ ପଦାର୍ଥର ଗୁଣବତ୍ତାକୁ ସୁନିଶ୍ଚିତ କରିବା। ସବୁପରେ ଗୋଟିଏ କଥା ସ୍ପଷ୍ଟ ଯେ କମ୍ପାନୀମାନେ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି। ଅତୀତରେ ମଧ ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟପଦାର୍ଥର ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ପ୍ରଶ୍ନ ଉଠିଥିଲା। ଲୋକଙ୍କ ସ୍ୱାସ୍ଥ୍ୟପ୍ରତି ସରକାରଙ୍କ ସମ୍ବେଦନଶୀଳତାକୁ ନେଇ ଏବେ ପ୍ରଶ୍ନ ଉଠୁଛି ଓ ପ୍ରଶ୍ନ ଉଠିବା ସ୍ୱାଭାବିକ୍। ସ୍ୱାସ୍ଥ୍ୟହାନୀକାରକ ଖାଦ୍ୟପଦାର୍ଥର ବିକ୍ରି ସୁସ୍ଥ ଭାରତର ସ୍ୱପ୍ନକୁ ସାକାର କରି ପାରିବ କି ? ଅଧିକ ବିକ୍ରୀ ଏବଂ ଅଧିକ ଲାଭ ପାଇଁ କମ୍ପାନୀମାନେ ଭ୍ରାମକ ବିଜ୍ଞାପନ ଦେଉଛନ୍ତି। ଏଭଳି ବିଜ୍ଞାପନରେ ଦିଆଯାଉଥିବା ପ୍ରତିଶୃତିର ସତ୍ୟତା ବାବଦରେ ଜାଣିବା ମଧ ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ। ଯଦି ଏଭଳି ଅପମିଶ୍ରିତ ଖାଦ୍ୟଦ୍ରବ୍ୟର ବିକ୍ରି ଜାରି ରହେ ତେବେ କିଛିବର୍ଷ ମଧରେ ଆମେ ଦେଖୁଥିବା ସୁସ୍ଥ ଭାରତର ସ୍ୱପ୍ନର ବିପରିତ ଆମ ଦେଶ ଅସୁସ୍ଥ ଭାରତରେ ପରିଣତ ହେବ ନିଶ୍ଚୟ।

# ଜୀବନ ରଥ : ଶ୍ରୀଜଗନ୍ନାଥ

**ଅଲେଖ ଚନ୍ଦ୍ର ସାମଲ**

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହାତ୍ମ୍ୟ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ।

ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ଶ୍ରୀ ଜଗନ୍ନାଥଙ୍କର ପାଖରେ ଅଛନ୍ତି ଶ୍ରୀ ବଳରାମ, ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧବିଦ୍ୟାରେ ପାରଦର୍ଶୀ। କିନ୍ତୁ ସାଧାରଣରେ ଶ୍ରୀବଳରାମଙ୍କର ଚିତ୍ରରେ ଦେଖାଯାଏ ତାଙ୍କର କାନ୍ଧରେ ହଳ (ଲଙ୍ଗଳ) ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ।

*ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର*

# ଓଡ଼ିଶାର 'ନାଇଟେଙ୍ଗଲ୍'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି । ସେତିକିବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷୀୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି । ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ ଅନେକ ପ୍ରକାର କୁତ୍ସାରଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପ ବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଡ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍‌ସପାଲ ଟ୍ୟୁଟର୍, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ । ଦିଲ୍ଲୀର ରାଜକୁମାରୀ ଅମ୍ରିତା କୌର କଲେଜ୍ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍‌ସି ନର୍ସିଂ ଓ ପରେ ଏମ୍.ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ । ଏସ୍‌ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ । ପଦୋନ୍ନତି ଓ ନିଷ୍ପତ୍ତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟକୁ ପାଠଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧା ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆଯାଇଥିଲା । ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା । ଅବସର ନେବା ପରେ ମଧ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ଼' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ । ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ। ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କାର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

**ଡକ୍ଟର ତପନ କୁମାର ପାଲ**

ପୁଣ୍ୟଭୂମି ଭାରତରେ ଆଜି ପର୍ଯ୍ୟନ୍ତ ଯେଉଁ କେତେଜଣ ଯୋଗଜନ୍ମା, ମହାନ ସାଧକଙ୍କ ଆବିର୍ଭାବ ଘଟିଛି, ସେମାନଙ୍କ ମଧରେ ଅଦ୍ୱୈତବାଦର ପ୍ରବର୍ତ୍ତକ, ମୋକ୍ଷଧର୍ମର ମାର୍ଗଦର୍ଶକ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅନ୍ୟତମ। ସେ ତାଙ୍କ ଜୀବନକାଳ ମଧରେ କେବଳ ସର୍ବଶ୍ରେଷ୍ଠ ସାଧନାର ଅଧିକାରୀ ହୋଇପାରିଥିଲେ ତାହା ନୁହେଁ, ଏକାଧାରରେ ସେ ଥିଲେ ସାଧକ, ଜ୍ଞାନୀ, ପଣ୍ଡିତ, ତାର୍କିକ, ଗୁରୁ ଓ ଉପଦେଷ୍ଟା। ସେ ମଧ ଥିଲେ ମହାତ୍ମା ଓ ସିଦ୍ଧପୁରୁଷ। ସେଥିପାଇଁ ସେ ଭାରତର ପ୍ରତି ପୁରପଲ୍ଲୀରେ ସେ ଶିବଙ୍କର ମୂର୍ତ୍ତିମନ୍ତ ଅବତାର ଭାବରେ ପୂଜିତ ଓ ସମ୍ମାନିତ।

ଜନ୍ମ : ଭାରତର ଦକ୍ଷିଣ-ପଶ୍ଚିମ ସମୁଦ୍ର କୂଳରେ ଅବସ୍ଥିତ କେରଳ ପ୍ରଦେଶର କାଲଟି ଗ୍ରାମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜନ୍ମଗ୍ରହଣ କରିଥିଲେ। ପୂର୍ବକାଳରେ ସେହି ଗ୍ରାମରେ ନମ୍ବୁଉରି ନାମକ ଗୋଟିଏ ବଂଶ ଶିବଭକ୍ତି ପ୍ରଦର୍ଶନ କରି ଲୋକଖ୍ୟାତି ଅର୍ଜନ କରିଥିଲା। ସେହି ବଂଶର ପୂଜକମାନେ ପବିତ୍ରତା ଓ ଧାର୍ମିକତା ପାଇଁ ଏପରି ଭାବରେ ପ୍ରସିଦ୍ଧ ହୋଇଉଠିଥିଲେ ଯେ ସୁଦୂର କାଶ୍ମୀରର ବିଖ୍ୟାତ ଜୋଷୀମଠରେ ପୁରୋହିତ କାର୍ଯ୍ୟ କରିବା ପାଇଁ ସେମାନେ ନିଯୁକ୍ତି ପାଇଥିଲେ। କାଲ୍‌ଟି ଗ୍ରାମର ଅନତିଦୂରରେ ପବିତ୍ର ପୂର୍ଣ୍ଣାନଦୀ ପ୍ରବାହିତ ହେଉଥିଲା। ନଦୀ ତଟରେ ଅବସ୍ଥିତ ବୃଷ ପର୍ବତ ଉପରେ ଭଗବାନ ଚନ୍ଦ୍ରମୌଳିଙ୍କର ଏକ ରମଣୀୟ ମନ୍ଦିର ଅବସ୍ଥିତ ଥିଲା। କେରଳର ତତ୍କାଳୀନ ରାଜା ରାଜଶେଖର ନମ୍ବୁଉରି ବଂଶର ପ୍ରସିଦ୍ଧ ପଣ୍ଡିତ ବିଦ୍ୟାଧିରାଜଙ୍କୁ ଭଗବାନ ଚନ୍ଦ୍ରମୌଳିଙ୍କର ପୂଜାର୍ଚ୍ଚନା କରିବା ପାଇଁ ନିଯୁକ୍ତି କରିଥିଲେ। ବିଦ୍ୟାଧିରାଜ ଶିବ ପୂଜାରେ ତନ୍ମୟ ହୋଇ ନିଜ ଜୀବନକୁ ଧନ୍ୟ କରିପାରିଥିଲେ। ଯଥା ସମୟରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସେ ପୁତ୍ରଟିର ନାମ ରଖିଥିଲେ ବିଶ୍ୱଜିତ୍। ବିଦ୍ୟାଧିରାଜ ପୁତ୍ର ବିଶ୍ୱଜିତ୍‌କୁ ଅଧ୍ୟୟନ କରିବା ପାଇଁ ଗୁରୁ ଗୃହକୁ ପ୍ରେରଣ କରିଥିଲେ। ବିଶ୍ୱଜିତ୍ ବେଦ, ବେଦାଙ୍ଗ, ଉପନିଷଦ, ପୁରାଣ ଓ ବ୍ୟାକରଣ ଆଦି ଶାସ୍ତ୍ର ଅଧ୍ୟୟନ କରିଥିଲେ। ସେ ଶିବଙ୍କ ପରି ଜ୍ଞାନ ଓ ଗୁରୁ ବୃହସ୍ପତିଙ୍କ ପରି ପାଣ୍ଡିତ୍ୟ ଅର୍ଜନ କରିଥିବାରୁ ଗୁରୁ ସନ୍ତୋଷ ପ୍ରକଟ କରି ତାଙ୍କ ଶିବଗୁରୁ ନାମରେ ନାମିତ କରିଥିଲେ। କିଛି କାଳ ପରେ ସତୀ ନାମ୍ନୀ ଏକ ସୁନ୍ଦରୀ କନ୍ୟା ସହିତ ଶିବଗୁରୁଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହେଲା। ମାତ୍ର ଯୌବନକାଳ ଅତୀତ ହେବାକୁ ବସିଥିଲେ ହେଁ ସେମାନଙ୍କ ଠାରୁ କୌଣସି ସନ୍ତାନ ସନ୍ତତି ଜନ୍ମ ହେଲେ ନାହିଁ। ଏହାପରେ ଦିନେ ଉଭୟ ଶିବଗୁରୁ ଓ ସତୀ ଅତ୍ୟନ୍ତ ନିଷ୍ଠା ଏବଂ ଭକ୍ତି ସହକାରେ ଭଗବାନ ଶିବଙ୍କର ପୂଜା ଆରାଧନା କଲେ। ସେମାନଙ୍କ ପୂଜାର୍ଚ୍ଚନାରେ ପ୍ରୀତ ହୋଇ ଭଗବାନ ଶିବ ତାଙ୍କର ମନୋସ୍କାମନା ପୂର୍ଣ୍ଣ କରିଥିଲେ। ତାହା ଥିଲା ୭୮୮ ଖ୍ରୀଷ୍ଟାବ୍ଦର ବୈଶାଖ ଶୁକ୍ଳ ପଞ୍ଚମୀ ତିଥି। ଭଗବାନ ଶଙ୍କରଙ୍କ ଆଶୀର୍ବାଦରୁ ସର୍ବଗୁଣସମ୍ପନ୍ନ ପୁତ୍ର ଜନ୍ମଲାଭ କରିଥିବାରୁ ସେହି ପୁଣ୍ୟ ସ୍ମୃତିର ପ୍ରତୀକ ରୂପେ ଶିବଗୁରୁ ପୁତ୍ରର ନାମ ରଖିଥିଲେ ଶଙ୍କର। ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ କାଳ ଥିଲା ଧର୍ମଜଗତରେ ସଙ୍କଟମୟ, ଘଡ଼ିସନ୍ଧି ସମୟ।

ଶିବଙ୍କୁ ଦର୍ଶନ : ଶିଶୁ ଶଙ୍କର ଦିନକୁ ଦିନ ଚନ୍ଦ୍ରକଳା ପରି ବଢ଼ିବାକୁ ଲାଗିଲେ। ତାଙ୍କୁ ଯେତେବେଳେ ତିନି ବର୍ଷ ପିତା ଶିବଗୁରୁଙ୍କର ପରଲୋକ ହେଲା। ପାଞ୍ଚ ବର୍ଷ ବୟସରେ ସେ ବେଦାଧ୍ୟୟନ ପାଇଁ ଗୁରୁ ଗୃହକୁ ଗମନ କଲେ। ସପ୍ତମ ବର୍ଷ ବୟସରେ ସର୍ବଶାସ୍ତ୍ରରେ ସୁପଣ୍ଡିତ ହୋଇ ବାଳକ ଶଙ୍କର ଗୁରୁଗୃହରୁ ବିଦାୟ ନେଲେ। ଶୈଶବରୁ ହିଁ ଶଙ୍କର ଭଗବାନ ଶିବଙ୍କୁ ପରମ ଭକ୍ତି କରୁଥିଲେ। ଏପରିକି ସେ ଭଗବାନ ଶଙ୍କରଙ୍କୁ ପ୍ରାର୍ଥନାରେ ସନ୍ତୁଷ୍ଟ କରି ମାତାଙ୍କ ସ୍ନାନର ସୁବିଧା କରିବା ନିମନ୍ତେ ପୂର୍ଣ୍ଣାନଦୀକୁ ତାଙ୍କର ଗୃହ ନିକଟରେ ପ୍ରବାହିତ କରାଇପାରିଥିଲେ। ଆଉ ଦିନକର ଘଟଣା। ଶଙ୍କର ଶିଷ୍ୟମାନଙ୍କ ସହିତ ଗଙ୍ଗାସ୍ନାନ ନିମନ୍ତେ ଯାତ୍ରା କରୁଥିଲେ। ବିପରୀତ ଦିଗରୁ ଜଣେ ଚାଣ୍ଡାଳ ଚାରୋଟି କୁକୁରକୁ ନେଇ ମାତାଲ ଅବସ୍ଥାରେ ଆସୁଥିଲେ। କୁକୁର ଓ ଚାଣ୍ଡାଳ ସ୍ପର୍ଶ ଭୟରେ ଶଙ୍କର ସେମାନଙ୍କୁ ଦୂରକୁ ଘଞ୍ଚିଯିବାକୁ କହିଲେ। ଏହାଶୁଣି ଚାଣ୍ଡାଳ କହିଲା ତୁମେ ବ୍ରହ୍ମଜ୍ଞାନ ଲାଭ କରି ସୁଦ୍ଧା ଭେଦଭାବ ଆଚାରଣ କରୁଛ ? ଶଙ୍କରଙ୍କ ଚେତା ପଶିଲା। ସେ ଚାଣ୍ଡାଳର ପାଦତଳେ ପଡ଼ି ପ୍ରଣାମ କଲେ। ହଠାତ୍ ସେହି ସ୍ଥାନରେ ବିରାଜମାନ ହେଲେ ଦେବଦେବ ମହାଦେବ। ଥରେ ଶଙ୍କରାଚାର୍ଯ୍ୟ ମଧ୍ୟାର୍ଜ୍ଜୁନ ପୀଠକୁ ଗମନ କରିଥାନ୍ତି। ସେଠାରେ ଅବସ୍ଥିତ ଶିବ ମନ୍ଦିର ମଧରେ ପ୍ରବେଶ କରି ସେ ଉପସ୍ଥିତ ଲୋକଙ୍କୁ ଅଦ୍ୱୈତବାଦର ସାରତତ୍ତ୍ୱ ବୁଝାଇବାକୁ ଲାଗିଲେ। ଶଙ୍କରାଚାର୍ଯ୍ୟଙ୍କ ପାଣ୍ଡିତ୍ୟରେ ସମବେତ ଜନତା ମୁଗ୍ଧ ହେଲେ ମାତ୍ର ତାଙ୍କ ମତକୁ ନେଇ ଅନେକଙ୍କର ସନ୍ଦେହ ଉପୁଜିଲା। ଜଣେ ବୃଦ୍ଧ ଶଙ୍କରାଚାର୍ଯ୍ୟଙ୍କୁ କହିଲେ, ଅନେକ ସମୟରେ କିଛି ଭଣ୍ଡ ବ୍ୟକ୍ତି ନିଜର ବାକ୍‌ଚାତୁରୀ ବଳରେ ଲୋକଙ୍କୁ ଭ୍ରମିତ କରିଥାନ୍ତି। ତେଣୁ ଆପଣଙ୍କ ଉପରେ ଆମର ସନ୍ଦେହ ହେଉଛି। ଯଦି ଏହି ମନ୍ଦିରସ୍ଥିତ ଭବାନୀପତି ଭଗବାନ ଶିବ ଆପଣଙ୍କ ପ୍ରାର୍ଥନାରେ ଆମ୍ଭମାନଙ୍କର ସାକ୍ଷାତରେ ପ୍ରକଟିତ ହୋଇ ନିଜ ମୁଖରେ ଆପଣଙ୍କ ମତର ସତ୍ୟତା ସ୍ୱୀକାର କରିବେ, ତେବେ ଆମର ସନ୍ଦେହ ଦୂର ହେବ। ଅବିଳମ୍ବେ ଶଙ୍କରାଚାର୍ଯ୍ୟ ଭଗବାନ ବିଶ୍ୱନାଥଙ୍କୁ ସ୍ତୁତି କଲେ। ସହସା ମନ୍ଦିରାଭ୍ୟନ୍ତରକୁ ଉଜ୍ଜ୍ୱଳ କରି ଆବିର୍ଭାବ ହେଲେ ତ୍ରିଶୂଳଧାରୀ ଶିବ। ଶଙ୍କର ଭଗବାନ ଶିବଙ୍କ ପ୍ରସାଦରୁ ଜନ୍ମ ନେଇଥିଲେ। ପୁଣି ଏକାଧିକବାର ଶିବଙ୍କୁ ଦର୍ଶନ କରିବା ସହିତ ଅନ୍ୟମାନଙ୍କୁ ଦର୍ଶନର ସୌଭାଗ୍ୟ ଜୁଟାଇଥିଲେ। କୁହାଯାଏ, ଭଗବାନ ଭକ୍ତର ଅଧୀନ। ଭକ୍ତର ପ୍ରେମ ଫାଶରେ ସେ ଚିରକାଳ ବନ୍ଧା। ଏମିତିକି ପରମେଶ୍ୱର ଏକାଧିକବାର କହିଛନ୍ତି, ସେ ବୈକୁଣ୍ଠରେ ନଥାନ୍ତି, ସେ ଥାଆନ୍ତି ଭକ୍ତର ହୃଦୟରେ। ସେ ଡାକିଲେ ଉଭା ହୁଅନ୍ତି। ଜୀବନକାଳ ମଧରେ ଶଙ୍କରାଚାର୍ଯ୍ୟ ଏକାଧିକ ବାର ଏଭଳି ଅଲୌକିକ ଘଟଣାର ସୂତ୍ରପାତ କରି ଦେଖାଇଥିଲେ। ଭଗବାନ ଶିବଙ୍କ ପରମଭକ୍ତ ଶଙ୍କରାଚାର୍ଯ୍ୟଙ୍କୁ ଏହି କାରଣରୁ ଶିବଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ।

କ୍ଷେତ୍ରତରଙ୍ଗ ତୀର୍ଥକ୍ଷେତ୍ର ୭୫୭
TEERTHKHETRA
ODIA DAILY

# ନାମାଚାର୍ଯ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁ

କଳି ଯୁଗରେ କୃଷ୍ଣକଳା ଧରି ଅବତାର ଲଭିଥିବା ନାମାଚାର୍ଯ୍ୟ ମହାପ୍ରଭୁ ଶ୍ରୀଚୈତନ୍ୟ,ଏ ଜାଗତିକ ଦୃଷ୍ଟିରେ ସମଗ୍ର ବିଶ୍ୱରେ ଜଣେ ବିସ୍ମୟ ବ୍ୟକ୍ତିତ୍ୱ । ଭାଗବତ ମହାପୁରାଣ କହେ କଳି ଯୁଗରେ ନାମ ସଂକୀର୍ତ୍ତନ ହିଁ ଯୁଗଧର୍ମ । ଶ୍ରୀଚୈତନ୍ୟ ମହାପ୍ରଭୁ ସେହି ନାମ ମହିମା କଥା କହିଛନ୍ତି, 'ନାମ ବିନୁ କଳିକାଳେ ନାହିଁ ଆର ଧର୍ମ'। ଶ୍ରୀଚୈତନ୍ୟ ତାଙ୍କ ଜୀବନ କାଳ ଭିତରେ ଏ ନାମ ସଙ୍କୀର୍ତ୍ତନ ରୂପୀ ପବିତ୍ର ଜାହ୍ନବୀର ପ୍ଲାବନ ସୃଷ୍ଟି କରିଥିଲେ ଆମର ଏହି ଭାରତ ଭୂଖଣ୍ଡରେ । ଏକାଧାରାରେ ଚୈତନ୍ୟ ଥିଲେ ଧର୍ମ ସଂସ୍କାରକ, ଭକ୍ତିମାର୍ଗ ଓ ଭକ୍ତି ଧାରାର ବିଶିଷ୍ଟ ଆଚାର୍ଯ୍ୟ, ତଥା ସନାତନ ଧର୍ମର ମହାନ୍ ପ୍ରବକ୍ତା । ତାଙ୍କର ଜନ୍ମ,ବାଲ୍ୟ,ପୌଗଣ୍ଡ, ଯୌବନ ସବୁଥିରେ ପୁରି ରହିଛି ବହୁ ଅଲୌକିକତା । ସେ କେଶବ ଭାରତୀ, ସାର୍ବ ଭୌମ ଭଟ୍ଟାଚାର୍ଯ୍ୟ ଏବଂ ପ୍ରକାଶାନନ୍ଦ ଆଦି ବଡ଼ବଡ଼ ପଣ୍ଡିତଗଣଙ୍କୁ ପରାସ୍ତ କରିଥିଲେ ମଧ କାହାରି ମନରେ ଦୁଃଖ ଦେଇ ନ ଥିଲେ । ସେ ବିନୟପୂର୍ଣ୍ଣ ବ୍ୟବହାରରେ ସମସ୍ତଙ୍କ ମନ ଜିଣି ନେଉଥିଲେ କ୍ଷ ସେ ଥିଲେ ପରମ ପ୍ରେମ ଅବତାର । ତାଙ୍କର ପ୍ରେମ ମନୁଷ୍ୟ ପାଇଁ ସୀମିତ ନରହି ପଶୁପକ୍ଷୀ,ସ୍ଥାବର ଜଙ୍ଗମ ସମସ୍ତଙ୍କ ଯାଏ ପରିବ୍ୟାପ୍ତଥିଲା । ପୁରୁଷୋତ୍ତମରୁ ବୃନ୍ଦାବନ ଯିବା ବେଳେ ସେ ଝାରଖଣ୍ଡର ବନପଥରେ ବାଘ,ଭାଲୁ ମୟୁର,ସର୍ପ ଆଦି ପଶୁପକ୍ଷୀଙ୍କ ସହ ବୃକ୍ଷଲତାଙ୍କୁ କୃଷ୍ଣ ପ୍ରେମରେ ନଚାଇ ଥିଲେ । ସେ ଭାଗବତର ଆପ୍ତ ବାକ୍ୟ 'କାଷ୍ଠ, ପାଷାଣ, ତରୁ, ତୃଣ । ସକଳ ଘଟେ ନାରାୟଣ ' ନ୍ୟାୟରେ ସବୁ ବସ୍ତୁ ଓ ପ୍ରାଣୀ ମଧରେ ଈଶ୍ୱର ସତ୍ତା ବିଦ୍ୟମାନ ରହିଛନ୍ତି ବୋଲି ଅନୁଭବ କରୁଥିଲେ । କେତେକ ସ୍ଥାନରେ ତାଙ୍କ ପ୍ରେମମୟ ପାଦ ସ୍ପର୍ଶ ପାଇ ପାଷାଣ ମଧ ତରଳି ଯାଇଥିଲା । ତାଙ୍କ ପ୍ରେମସ୍ପର୍ଶରେ ସେ ନବଦ୍ୱୀପର ଅତ୍ୟାଚାରୀ ଶାସକ ଚାନ୍ଦକାଜୀଙ୍କର ଏବଂ ବଙ୍ଗ ନବାବ ହୁସେନ ଶାହାଙ୍କ ହୃଦୟ ପରିବର୍ତ୍ତନ କରି ପାରିଥିଲେ । ଦସ୍ୟୁ ଜଗାଇ ମାଧାଇ ଦୁଇ ଭାଇଙ୍କୁ ସେ ହରି ଭକ୍ତରେ ରୂପାନ୍ତରିତ କରିପାରି ଥିଲେ । ପତିତ,ଧନୀ,ଦରିଦ୍ର,ଶିକ୍ଷିତ,ଅଶିକ୍ଷିତ, ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସେ ଶ୍ରୀହରି ନାମ ସଂକୀର୍ତ୍ତନ ବେଦିରେ ଏକତ୍ର କରାଇଥିଲେ । ସେ ଏକଥା ପ୍ରମାଣ କରି ଦେଇଥିଲେ ଯେ,ବୈଷ୍ଣବର ଗୋଟିଏ ମାତ୍ର ପରିଚୟ ବୈଷ୍ଣବ ଯେଉଁଥି ପାଇଁ କୁହାଯାଏ :-

ବାର ଜାତି ତେର ଗୋଲା ।
ବୈଷ୍ଣବ ହେଲେ ସବୁ ଗଲା ॥

ଆଦ୍ୟଯୌବନରେ ଶ୍ରୀଚୈତନ୍ୟ ସଦଗୁରୁ ଗ୍ରହଣ କରି ସନ୍ନ୍ୟାସ ଧର୍ମ ଗ୍ରହଣ କରି ଶ୍ରୀକ୍ଷେତ୍ରକୁ ଆସି ଏକାଦି କ୍ରମେ ଦ୍ୱାଦଶ ବର୍ଷ ଅବସ୍ଥାନ କରିଥିଲେ । ଶ୍ରୀକ୍ଷେତ୍ରରୁ ସେ ଛଅବର୍ଷପାଇଁ ଭାରତ ଭ୍ରମଣରେ ବହିର୍ଗତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ପ୍ରେମରେ ସେ ଏତେ ବିହ୍ୱଳିତ ହୋଇ ଯାଇଥିଲେ ଯେ ତାଙ୍କର ଶେଷ ଜୀବନରେ ବାହ୍ୟ ଜ୍ଞାନ ରହୁ ନଥିଲା ।

ଶ୍ରୀଚୈତନ୍ୟ ମହାପ୍ରଭୁ ପଶ୍ଚିମବଙ୍ଗର ନବଦ୍ୱୀପର ମାୟାପୁର ଠାରେ ୧୪୮୬ ଖ୍ରୀଷ୍ଟାବ୍ଦ ଦୋଳପୂର୍ଣ୍ଣିମା ଚନ୍ଦ୍ରଗ୍ରହଣ ସମୟରେ ମାତା ସଚିଦେବୀ ଓ ପିତା ଜଗନ୍ନାଥ ମିଶ୍ରଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ । ୧୫୩୩ଖ୍ରୀଷ୍ଟାବ୍ଦରେ ମାତ୍ର ୪୮ବର୍ଷ ବୟସରେ ସେ ପ୍ରେମଭକ୍ତିର ଅତି ଆତିଶଯ୍ୟ ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଅଙ୍ଗରେ ଲୀନ ହୋଇ ଯାଇ ଥିଲେ । ଚୈତନ୍ୟଙ୍କ ଅନ୍ତର୍ଧାନ ସମ୍ବନ୍ଧରେ ବୈଷ୍ଣବ ଲୀଳାମୃତରେ ବହୁ କିଛି କଥା ଲେଖା ଯାଇଛି । ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତାରେ ଲିପିବଦ୍ଧ ତାଙ୍କର ଅନ୍ତର୍ଧାନ ପ୍ରସଙ୍ଗଟି ଅଧିକ ଯୁକ୍ତି ଯୁକ୍ତ ମନେହୁଏ । ଶ୍ରୀ ଚୈତନ୍ୟଙ୍କ ସମ ସାମୟିକ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଲେଖାନୁଯାୟୀ ଶ୍ରୀଚୈତନ୍ୟ ଶ୍ରୀଜଗନ୍ନାଥଙ୍କ ଠାରେ ଲୀନ ହୋଇ ଯାଇଥିଲେ । ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ସମୟରେ ସେ ରଥ ସମ୍ମୁଖରେ ସାତ ମୂର୍ତ୍ତିରେ ପ୍ରକଟ ହୋଇ କୀର୍ତ୍ତନ କରୁଥିଲେ । ଏହି କୀର୍ତ୍ତନ ମାଧମରେ ହିଁ ପ୍ରକଟିତ ହେଉଥିଲା ଶ୍ରୀଚୈତନ୍ୟ,ଶ୍ରୀଜଗନ୍ନାଥଙ୍କ ଭିତରେ ଥିବା ମହାଭାବ । ତାଙ୍କର ଏହି ମହାଭାବ ଉଦଣ୍ଡ କୀର୍ତ୍ତନକୁ ସନ୍ଦର୍ଶନ କରି ଭକ୍ତ ଶ୍ରୀକହ୍ନେଇ ଖୁଣ୍ଟିଆ 'ମହାଭାବ ପ୍ରକାଶ 'ନାମରେ ଏକ ଗ୍ରନ୍ଥ ରଚନା କରିଛନ୍ତି । ବହୁ ଭକ୍ତଙ୍କୁ ସେ ଭଗବାନଙ୍କର ବିଭିନ୍ନ ରୂପ ପ୍ରଦର୍ଶନ କରାଇ ଅଛନ୍ତି । ସେ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ଦେଖାଇଥିବା ଷଡ଼ଭୁଜ ଗୌରାଙ୍ଗ ମୂର୍ତ୍ତି ଏବେ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଶୋଭାୟ ମାନ । ଗରୁଡ଼ଙ୍କ ପଶ୍ଚାତ ଭାଗରେ ତାଙ୍କ ପଦଚ଼ିହ୍ନ ପୂଜା ପାଉଛି । ତାଙ୍କ ଷଡ଼ଭୁଜ ପ୍ରଦର୍ଶନର ଗାଥା ମାଦଳା ପାଞ୍ଜିରେ ମଧ ଲିପିବଦ୍ଧ ହୋଇଛି ।

ପିଲାଦିନେ ଶ୍ରୀଚୈତନ୍ୟଙ୍କର ଅନେକ ନାମ ଥିଲା ଯଥା ନିମାଇଁ, ଗୌରାଙ୍ଗ, ବିଶ୍ୱମ୍ଭର, ଗୌରହରି ଇତ୍ୟାଦି । ସନ୍ୟାସଦୀକ୍ଷା ଗ୍ରହଣ ଉପରାନ୍ତେ ସେ ପରିଚିତ ହୋଇଥିଲେ ଶ୍ରୀକୃଷ୍ଣଚୈତନ୍ୟ ଭାବେ । ବିଶ୍ୱର ସବୁଠୁ ପ୍ରାଚୀନ ବିଷ୍ଣୁ କ୍ଷେତ୍ର ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟଙ୍କ ଭଗବତା ପ୍ରତିଷ୍ଠିତ ହୋଇଛି । ସ୍ୱୟଂ ଭଗବାନଙ୍କ ଅବତାରଭାବେ ତାଙ୍କର ପୂଜା କରା ଯାଉଛି । ସମଗ୍ର ବିଶ୍ୱରେ ଏବେ ତାଙ୍କ ପୂଜା ହେଉଥିଲା ବେଳେ ବଙ୍ଗଳା ଓ ଓଡ଼ିଶାରେ ନାମ ଯଜ୍ଞରେ ତାଙ୍କର ବିଶେଷ ପୂଜା ହୋଇଥାଏ । ଶ୍ରୀ ଜଗନ୍ନାଥଙ୍କୁ ଅବତାରୀ ଶ୍ରୀକୃଷ୍ଣଙ୍କ ଭାବରେ ପୂଜା ଆରାଧନା, ଜଗନ୍ନାଥ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପ୍ରଚାର ତଥା ଶ୍ରୀଜଗନ୍ନାଥଙ୍କୁ କେଉଁ ପ୍ରକାର ଭକ୍ତି କରାଯାଏ ତାହାର ଶିକ୍ଷା ସ୍ୱୟଂ ଆଚରଣ ଦ୍ୱାରାହିଁ ସେ ଦେଇ ଯାଇଛନ୍ତି ।

ଶ୍ରୀ ଜୟାନନ୍ଦ ତାଙ୍କର ଚୈତନ୍ୟମଙ୍ଗଳ କାବ୍ୟରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀଚୈତନ୍ୟଙ୍କ ପୂର୍ବ ସୁରୀ ଯାଜପୁର ନିକଟବର୍ତ୍ତୀ କପିଳେଶ୍ୱର ପୁର ଗ୍ରାମର ବାସିନ୍ଦା ଥିଲେ । ଯାଜପୁରରେ ନିବାସୀ ବୈଦିକ ବସ୍ଥାୟନ ଗୋତ୍ରୀୟ ବ୍ରାହ୍ମଣ ଥିଲେ ବିଶୁଦ୍ଧ ମିଶ୍ର । ବିଶୁଦ୍ଧଙ୍କ ପୁତ୍ର ମଧୁକରମିଶ୍ର ୧୪୫୧ ରେ ରାଜାଙ୍କ ସହ ମତଭେଦ ହେତୁ ଓ ସଂସ୍କୃତ ଅଧ୍ୟୟନ ପାଇଁ ବଙ୍ଗଳାର ଶ୍ରୀହଟ୍ଟ (ଏବେ ବଙ୍ଗଳାଦେଶ ) ଚାଲି ଯାଇ ଥିଲେ । ତାଙ୍କର ଉପେନ୍ଦ୍ର,ରଙ୍ଗଦ, କୀର୍ତ୍ତିଦା, କୃତିବାସ ନାମରେ ଚାରି ପୁତ୍ର ହେଲେ । ଉପେନ୍ଦ୍ର ମିଶ୍ରଙ୍କଠାରୁ ସାତ ପୁତ୍ର ହେଲେ ଯଥା କଂସାରୀ, ପରମାନନ୍ଦମିଶ୍ର,ପଦ୍ମନାଭ,ସର୍ବେଶ୍ୱର, ଜଗନ୍ନାଥ, ଜନାର୍ଦ୍ଦନ ଓ ତ୍ରୈଲୋକ୍ୟନାଥ । ଜଗନ୍ନାଥ ମିଶ୍ରଙ୍କ ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଥିଲା । ସେ ପୁରନ୍ଦର ଉପାଧି ପାଇ ସଂସ୍କୃତ ଚର୍ଚ୍ଚା ନିମନ୍ତେ ନବଦ୍ୱୀପର ମାୟାପୁରରେ ଯାଇ ୧୪୬୬ ଖ୍ରୀଷ୍ଟାବ୍ଦରେ ବସତି କଲେ । ସେ ବିବାହ କରିଥିଲେ ନଦୀଆର ବେଲ ପୋଖରୀ ନିବାସୀ ପ୍ରବାସୀ ଓଡ଼ିଆ ଶ୍ରୀନୀଳାମ୍ବର ଚକ୍ରବର୍ତ୍ତୀଙ୍କ ସୁକନ୍ୟା ସଚି ଦେବୀଙ୍କୁ । ନୀଳାମ୍ବର ଚକ୍ରବର୍ତ୍ତୀ ପ୍ରବାସୀ ଓଡ଼ିଆ ବୋଲି କେହି କେହି ଗ୍ରହଣ କରି ନଥାନ୍ତି । କିନ୍ତୁ ଚକ୍ରବର୍ତ୍ତୀ ବ୍ରାହ୍ମଣ ମଧ ଓଡ଼ିଶାରେ ଥିଲେ ଏକଥା ପ୍ରମାଣିତ ହୁଏ ଏକାମ୍ର କ୍ଷେତ୍ର ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଉତ୍କୀର୍ଣ୍ଣ ଏକ ଶିଳାଲିପିରୁ । ଶ୍ରୀଚୈତନ୍ୟଙ୍କ ବଂଶଧର ଶ୍ରୀ ପ୍ରଦ୍ୟୁମ୍ନ ମିଶ୍ର ଏହା ତାଙ୍କର ଗ୍ରନ୍ଥ ଶ୍ରୀ ଚୈତନ୍ୟ ଉଦୟାଳିରେ ପ୍ରଦାନ କରିଛନ୍ତି । ଶ୍ରୀ ଚୈତନ୍ୟ ଭାଗବତର ଅନ୍ତ୍ୟ ଖଣ୍ଡ ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ମହାପ୍ରଭୂ ଶ୍ରୀଚୈତନ୍ୟ ନୀଳାଚଳଧାମକୁ ଆଗମନ କାଳରେ ଯାଜପୁରରେ ନିଜ ସଙ୍ଗୀ ଭକ୍ତ ମାନଙ୍କୁ ଛାଡ଼ି କେଉଁ ଆଡ଼େ ଅନ୍ତର୍ଧାନ ହୋଇ ଯାଇ ଥିଲେ । ସେ ପରଦିନ ସକାଳୁ ଆସିଲେ । ଏହି ସମୟରେ ସେ ତାଙ୍କ ନିଜ ପିତୃପୁରୁଷଙ୍କ ସ୍ଥାନକୁ ଯାଇ ଏକାଏକା ଭ୍ରମଣକରି ଫେରି ଆସିଥିଲେ ।

ଅନୁସନ୍ଧାନରୁ ଏହା ଜଣା ପଡ଼େ, ଶ୍ରୀଚୈତନ୍ୟଙ୍କ ମୁଖ୍ୟ ପାର୍ଷଦ ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କ ଘର ପୁରୀ ଠାରେ ଥିଲା ଯାହା ଏବେକା କୋଠଭୋଗ ମଠ ନାମରେ ପ୍ରସିଦ୍ଧ । ସେହିପରି ପାର୍ଷଦ ଗଦାଧରଙ୍କ ପିତୃପୁରୁଷମାନେ ପୁରୀର ତୋଟା ଗୋପୀନାଥର ବାସିନ୍ଦା ଥିଲେ । ପୁଣି ଓଡ଼ିଶାରୁ ଶିବାନନ୍ଦ ସେଣ ବାଣିଜ୍ୟ ନିମନ୍ତେ ବଙ୍ଗଳା ଯାଇ ସେଠାରେ ସେନ ହୋଇ ଯାଇଥିଲେ । ସେ ପ୍ରତିବର୍ଷ ବଙ୍ଗୀୟ ଭକ୍ତ ମାନଙ୍କୁ ଧରି ରଥଯାତ୍ରାକୁ ପୁରୀ ଆସୁଥିଲେ । ସେ ଭଗବାନଙ୍କ ଅଂଶାବତାର ହୋଇ ଥିଲେ ମଧ ଶ୍ରୀଚୈତନ୍ୟ ନିଜକୁ ସର୍ବଦା ଲୁଚାଇ ରଖୁଥିଲେ । ତୃଣ ପରି ନୀଚ, ତରୁ ତୁଲ୍ୟ ସହିଷ୍ଣୁ ହୋଇ ସେ ସମସ୍ତଙ୍କୁ କୃଷ୍ଣ ନାମ ସଂକୀର୍ତ୍ତନ ପାଇଁ ପ୍ରବର୍ତ୍ତାଉ ଥିଲେ,ତାଙ୍କୁ କେହି ଭଗବାନ କହିଲେ ସେ ବ୍ୟସ୍ତ ହୋଇ କହୁ ଥିଲେ, ଗୋଟିଏ ସାଧାରଣ ଜୀବକୁ ଭଗବାନ କହିବା ଅପରାଧ ।

ସେ ଥିଲେ ଅତ୍ୟନ୍ତ ଜଗନ୍ନାଥ ପ୍ରାଣ । ଜଗନ୍ନାଥଙ୍କୁ ସେ ପ୍ରତ୍ୟହ ମଣିମା ମଣିମା ଡାକିବା ସହିତ ଜଗ ମୋହନରେ ଭଜନ ଶ୍ରବଣ ଏବଂ ଗୀତ ଗୋବିନ୍ଦ ଶ୍ରବଣକୁ ଦିନେ ହେଲେ ଛାଡୁ ନଥିଲେ । ଚୈତନ୍ୟ ମହାପ୍ରଭୁ ମହାପ୍ରସାଦକୁ ଅନ୍ନ ବ୍ରହ୍ମ ଭାବରେ ବହୁ ସମ୍ମାନ କରୁଥିଲେ,ଶ୍ରୀମନ୍ଦିରରେ ପାଣିଶଙ୍ଖ ଧ୍ୱନୀ ବାଜିଲେ ସେ ଭୋରରୁ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ଓ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ଏବଂ ଉଦଣ୍ଡ କୀର୍ତ୍ତନ କରୁଥିଲେ । ସେ ରାଜଗୁରୁ କାଶୀ ମିଶ୍ରଙ୍କ ଗମ୍ଭୀରାଠାରେ,ବର୍ତ୍ତମାନ ରାଧାକାନ୍ତ ମଠ ସେହି ଠାରେ ରହୁଥିଲେ । ତାଙ୍କର ପାଦୁକ, କନ୍ଥା, କମଣ୍ଡଳୁ ଏବେ ସେଠାରେ ପୂଜାହେଉଛି । ଉତ୍କଳ ପ୍ରଦେଶର ପଞ୍ଚସଖା ଗଣ ଥିଲେ ତାଙ୍କର ପାର୍ଷଦ । ପଞ୍ଚସଖାମାନଙ୍କ ସାହିତ୍ୟରେ ତାଙ୍କ ସମ୍ବନ୍ଧରେ ବହୁ ବର୍ଣ୍ଣନାଥିବା ଦେଖାଯାଏ । ରାଗାନୁଗା ଭକ୍ତି ମାର୍ଗର ଅନୁଗାମୀ ରାୟ ରାମାନନ୍ଦ, ଶିଖି ମହାନ୍ତି, ତାଙ୍କ ଭଉଣୀ ମାଧବୀ ଦାସୀ, ଗଜପତି ଶ୍ରୀ ପ୍ରତାପରୁଦ୍ର ଦେବ, କହ୍ନେଇ ଖୁଣ୍ଟିଆ ଆଦି ତାଙ୍କର ଅତି ପ୍ରୀୟ ଥିଲେ ।

ବଙ୍ଗ ପ୍ରଦେଶ ଅପେକ୍ଷା ଆମ ଓଡିଶାରେ ଅଧିକ ଓ ପ୍ରାଚୀନ ଶ୍ରୀଚୈତନ୍ୟ ମନ୍ଦିର ମାନ ରହିଛି । ତିରିଶ ହଜାରରୁ ଉର୍ଦ୍ଧ୍ୱ ଶ୍ରୀଚୈତନ୍ୟ ଭଜନ ଆମ ଭାଷାରେ ଲେଖାଯାଇଛି । ଆମ ରାଜ୍ୟରେ ଏପରି ଗ୍ରାମ ନାହିଁ ଯେଉଁଠି ଜଗନ୍ନାଥ ଦାସଙ୍କ ଭାଗବତ ଗାଦି ଓ ଶ୍ରୀ ଚୈତନ୍ୟଙ୍କ ଖୋଳ କରତାଳ ଓ ସଙ୍କୀର୍ତ୍ତନଗୋଷ୍ଠୀ ନାହାଁନ୍ତି । ତାଙ୍କ ପ୍ରବର୍ତ୍ତିତ ନାମ ଯଜ୍ଞ ବା କୀର୍ତ୍ତନ ଗ୍ରାମଠାରୁ ସହର ସବୁ ଆଡ଼େ ଅନୁଷ୍ଠିତ ହେଉଛି । କେତେକ କହନ୍ତି ଚୈତନ୍ୟଙ୍କ ଭକ୍ତିମାର୍ଗ ଅନୁସରଣ କରି ଏ ବୀରଜାତି ଉତ୍କଳ, ତାର ଗୌରବ ହରାଇ ବସି ଥିଲା । କିନ୍ତୁ ଏହା ଗ୍ରହଣୀୟ ହୋଇ ନାହିଁ । ଅଧିକନ୍ତୁ ଶ୍ରୀଚୈତନ୍ୟଙ୍କ ଆଗମନରେ ଓଡ଼ିଶାର କଳା ସଂସ୍କୃତି ସାହିତ୍ୟ ଅଧିକ ଋଦ୍ଧିମନ୍ତ ହୋଇଛି । ଚୈତନ୍ୟଙ୍କ ବୈଷ୍ଣବୀୟ ଚିନ୍ତାଧାରାର ପ୍ରଭାବରେ ଉତ୍କଳରେ କେତେଯେ ଭକ୍ତିସାହିତ୍ୟ ସୃଷ୍ଟି ହୋଇଛି ତାର କିଛି ଇୟତ୍ତାନାହିଁ । ଏହି ସାହିତ୍ୟ ସବୁ ଉତ୍କୃଷ୍ଟ ସାହିତ୍ୟ ପଦ ବାଚ୍ୟ ଓ ଉତ୍କଳ ବାଣୀ ଭଣ୍ଡାରରେ ଅମୂଲ୍ୟସମ୍ପଦ । ତାହାର ଶ୍ରେଷ୍ଠ ନିଦର୍ଶନ ହେଉଛି ବିଦଗ୍ଧ କବି ବାଲିଆ ସାଆନ୍ତ ଶ୍ରୀଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି ।

କେନ୍ଦ୍ରାପଡ଼ା ଛୋଟି ଗ୍ରାମରେ ଜନ୍ମିତ ଶ୍ରୀ କେଦାର ନାଥ ଦତ୍ତ ଭକ୍ତିବିନୋଦ ଠାକୁର ଥିଲେ ଆଇନର ସ୍ନାତକ ଓ କଟକ ଭକ୍ତମଧୁ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ । ଏହାଙ୍କର ପୁଅ ହେଉଛନ୍ତି ପୁରୀ ଠାରେ ଜନ୍ମିତ ଶ୍ରୀଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରକ୍ଷ ଏହାଙ୍କର ଶିଷ୍ୟ ହେଲେ ଓଝକଉଡଂଘ ପ୍ରତିଷ୍ଠାତା ଶ୍ରୀ ଏ.ସି.ଭକ୍ତି ବେଦାନ୍ତ ଠାକୁର । ଅଧୁନା ସାରା ବିଶ୍ୱରେ ଶ୍ରୀ ଚୈତନ୍ୟ କଥାମୃତ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଇବାରେ ସେ ସକ୍ଷମ ହୋଇ ପାରିଛନ୍ତି ଏହା ଆମ ପାଇଁ କମ ଗୌରବର କଥା ନୁହେଁ ।

ମାତା ସଚିଦେବୀ ଶ୍ରୀଚୈତନ୍ୟଙ୍କୁ କହିଥିଲେ,ପୁଅ ! ନବଦ୍ୱୀପ ଏବଂ ନୀଳାଚଳ ତୋର ଦୁଇଟି ଘର । ତୁ ବୃନ୍ଦାବନ ନଯାଇ ପୁରୀରେହିଁ ରହ । ମାଆଙ୍କ କଥା ଅନୁଯାୟୀ ସେ ଓଡିଶାକୁ ଅନ୍ତରର ସହ ଭଲପାଇ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ପୁରୀଠାରେ ରହି ଥିଲେ ଓ ସର୍ବ ଶେଷରେ ଏହିଠାରେ ହିଁ ଇହଲୀଳା ସମାପ୍ତ କରିଥିଲେ । ସେ ନୀଳାଚଳ ଧାମକୁ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପର୍ଯ୍ୟନ୍ତ କହୁଥିଲେ :-

କଳିକାଳେ ନାମ ରୂପେ କୃଷ୍ଣ ଅବତାର ।
ନାମ ହୈତେ ହୟ ସବ ଜଗତ ନିସ୍ତାର ॥

ସେ ଜଗନ୍ନାଥଙ୍କୁ ଦର୍ଶନ କରି ଅତ୍ୟନ୍ତ ଭାବାବିଷ୍ଟ ହୋଇ ପଡୁଥିଲେ କ୍ଷ ପ୍ରେମାତିଶଯ୍ୟରେ ସେ ବାର ବାର ମୂର୍ଚ୍ଛିତ ହୋଇ ପଡୁଥିଲେ ।

କ୍ରୁଦ୍ଧହୟା ଏକା ଗେଲ ଜଗନ୍ନାଥ ଦେଖିତେ ।
ଦେଖିଆ ମୂର୍ଚ୍ଛିତ ହୟା ପଡ଼ିଲ ଭୂମିତେ ॥

ଶ୍ରୀ ଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ କାଳରେ ଗୁରୁ ଈଶ୍ୱର ପୁରୀଙ୍କ ଠାରୁ ଆଦିଷ୍ଟ ହୋଇ ରେମୁଣାରେ କ୍ଷୀରଚୋରା ଗୋପୀନାଥଙ୍କ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହୋଇଥିଲେ,କିଶୋରୀମୋହନ କାବ୍ୟରତ୍ନ ବିରଚିତ ଶ୍ରୀକ୍ଷୀରଚୋରା ଗୋପୀନାଥ ପୁସ୍ତକରେ ଉଲ୍ଲେଖ ଅଛି :-

ଏଇମତ ମହାପ୍ରଭୁ ଚଲିଲା ନୀଳାଚଲେ ।
ଚାରିଭକ୍ତ ସଙ୍ଗେ କୃଷ୍ଣ କୀର୍ଷ୍ଟନ କୁତୂହଳେ ॥
ପଥେ ବଡ଼ ବଡ଼ ଦାନୀ ବିଘ୍ନ ନାଇଁ କରେ ।
ତା ସବାରେ କୃପାକରି ଅଇଲା ରେମୁଣାରେ ॥
ରେମୁଣା ତେ ଗୋପୀନାଥ ପରମ ମୋହନ ।
ଭକ୍ତି କରି କୈଲ ପ୍ରଭୁ ତାର ଦରଶନ ॥
ମହାପ୍ରସାଦ କ୍ଷୀରଲୋଭେ ରଇଲା ପ୍ରଭୁ ତଥା ।
ପୂର୍ବେ ଈଶ୍ୱରପୁରୀ ତାରେ କହିଆଛେନ କଥା ॥

ସେ ଗୋପୀନାଥଙ୍କୁ ଦର୍ଶନ କରି ନିକଟ ମରେଇ ଗାଆଁରେ ରହୁଥିବା ଶ୍ରୀମଦ ଭାଗବତ ପୁରାଣର ଟୀକା କାର ତଥା ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଶ୍ରୀଧର ସ୍ୱାମୀଙ୍କୁ ଭେଟିଥିଲେ । ସେ ଭାଗବତ ଟୀକା ଶ୍ରବଣ କରି ଶ୍ରୀଧର ସ୍ୱାମୀଙ୍କ ପ୍ରତିଭାରେ ମୋହିତ ହୋଇ ତାଙ୍କୁ ଗୁରୁ ବୋଲି ମାନି ଥିଲେ । ଏଣୁ ସେ କହିଛନ୍ତି :-

ଶ୍ରୀଧର ସ୍ୱାମୀ ପ୍ରସାଦେ ଭାଗବତ ଜାନି ।
ଜଗଦ୍ଗୁରୁ ଶ୍ରୀଧର ସ୍ୱାମୀ ଗୁରୁ କରି ମାନି ॥

ଶ୍ରୀକ୍ଷେତ୍ରରେ ସେ ପ୍ରତିଦିନ ପୁରାଣ ଶୁଣୁଥିଲେ ଏବଂ ଶ୍ରୀ ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟାଖ୍ୟା ଶ୍ରବଣ କରୁଥିଲେ । ଦିନେ ଆଲୋଚନା ଭିତରେ ଜଗନ୍ନାଥ ଦାସ ତାଙ୍କର ଏବଂ ନିଜ ପୂର୍ବଜନ୍ମ ବୃତ୍ତାନ୍ତ ତାଙ୍କୁ ଶୁଣାଇ ଦେବାରୁ, ତାଙ୍କୁ ସେ କୋଳାଗ୍ରତ କରି ଅତିବଡ଼ି ବୋଲି କହି ତାଙ୍କ ଶିରରେ ଶିରିପା ବାନ୍ଧି ଦେଇ ଥିଲେ । ସେଇ ଦିନ ଠାରୁ ଜଗନ୍ନାଥ ଦାସ ଅତିବଡ଼ି, ଶ୍ରୀ ଜଗନ୍ନାଥ ଦାସ ନାମରେ ପରିଚିତ ହୋଇଛନ୍ତି । ଶ୍ରୀବୈଷ୍ଣବ ଲୀଳାମୃତରେ ଏହାର ବର୍ଣ୍ଣନା ରହିଛି :-

କାନ୍ଧରୁ ଉତ୍ତରୀ କାଢ଼ିଲା । ସ୍ୱାମୀ ମସ୍ତକେ ବାନ୍ଧି ଦେଲା ॥
ବୋଲେ ଏ ଅତି ବଡ଼ ପଣ । ସ୍ୱାମୀ ତୁ ମୋହର ପରାଣ ॥

ଶ୍ରୀଚୈତନ୍ୟ ମହାପ୍ରଭୁ ୧୫୧୦ ରେ ଦାକ୍ଷିଣାତ୍ୟ ଭ୍ରମଣରେ ବାହାରିଥିଲେ । ସେ ଯିବା ସମୟରେ ରାଜଗୁରୁ ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ ତାଙ୍କୁ ରାଜ ମହେନ୍ଦ୍ରୀର ପ୍ରଶାସକ ରାୟ ରମାନନ୍ଦଙ୍କୁ ଭେଟିବା ପାଇଁ କହିଥିଲେ । ସେହି ଅନୁସାରେ ଶ୍ରୀଚୈତନ୍ୟ ରମାନନ୍ଦଙ୍କୁ ସାକ୍ଷାତ କରି ତାଙ୍କ ଠାରୁ କୃଷ୍ଣ ତତ୍ତ୍ୱ, ରାଧାତତ୍ତ୍ୱ,ରସତତ୍ତ୍ୱ,ଲୀଳାତତ୍ତ୍ୱ ଶିକ୍ଷା କରିଥିଲେ ।

ସେ ତାଙ୍କ ଜ୍ଞାନରେ ଏତେ ପ୍ରଭାବିତ ହୋଇଯାଇ ଥିଲେ ଯେ ରାୟ ରମାନନ୍ଦ ତାଙ୍କଠାରୁ ମେଲାଣି ମାଗିଲା ବେଳକୁ ସେ ତାଙ୍କୁ ଛାଡ଼ି ଆସିବାକୁ ଚାହୁଁ ନଥିଲେ ଏବଂ କହିଥିଲେ :-

ଦଶ ଦିନେର କା କଥା ଯାବତ ଆମ ଜୀବ । ତାବତ ତୋମାର ସଙ୍ଗ ଛାଡ଼ିତେ ନା ଯିବ ॥
ନୀଳାଚଳେ ତୁମି ଆମି ଥାକିବ ଏକ ସଙ୍ଗେ । ସୁଖେ ଗଡ଼ାଇବ କାଲ କୃଷ୍ଣ କଥା ରଙ୍ଗେ ॥
(ଚୈତନ୍ୟ ଚରିତାମୃତ)

ଏହିପରି, ଶ୍ରୀଚୈତନ୍ୟ ଆମ ଏହି ଭାରତ ଭୂମିରେ ଅମୀୟ କୃଷ୍ଣପ୍ରେମ ରସର ଜାହ୍ନବୀ ବୁହାଇ ଦେଇ ଯାଇଛନ୍ତି । ଏ ଉତ୍କର୍ଷ କଳାର ଦେଶ ଉତ୍କଳ ଥିଲା ତାଙ୍କର କର୍ମଭୂମି ଓ ଉତ୍କଳର ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ତାଙ୍କର ଇଷ୍ଟ । କଳି ଯୁଗରେ କଳିହତ ମାନବକୁ ଏ ଭବ ବାରିଧିକୁ ପାରିହେବା ନିମନ୍ତେ ସେ କହି ଯାଇଛନ୍ତି :-

ହରି ନାମ ବିନେର ମନ କୃଷ୍ଣ ନାମ ବିନେ । ବିଫଳେ ମାନୁଷ ଜନ୍ମ ଯାଏ ଦିନେ ଦିନେ ॥
ଜୟ ଶ୍ରୀକୃଷ୍ଣ ! ଜୟ ଶ୍ରୀଜଗନ୍ନାଥ ! ଜୟ ଶ୍ରୀ ଚୈତନ୍ୟ !!!

**ଅର୍ଜ୍ଜୁନୀ ଚରଣ ବେହେରା**
ମୋ - ୭୬୯୩୦୯୧୯୭୧

## (ତିନୋଟି ଭିନ୍ନ ଭିନ୍ନ ଭାବନା ଆଜିର କୁଆପଥର ବୃଷ୍ଟିକୁ ଦେଖି)

ପ୍ରଜ୍ଞାଲୀନ ସାହୁ

॥ ୧ ॥
ବଉଦ ଭିତରେ ଚାଲିଅଛି ଯୁଦ୍ଧ
ଠିକ ସ୍ୱାମୀ ଓ ସ୍ତ୍ରୀ ସମ
ସେଥିପାଇଁ ପରାବଉଦ ଦଉଡ଼େ
କୁଆପଥର ଯେ ଯମ
ଜାୟାକୁ କେବେ ବି କିଏ ସେ
ପାରିଛି
ପ୍ରୀତି ହିଁ ନୀରବ ଧାମ
ହସି ହସି ତେଣୁ ସହୁଛି ବଉଦ
ପାଇବାକୁ ବାରି ପ୍ରେମ ।।
ପ୍ରଜ୍ଞାଲୀନ'ର ହୃଦୟ ॥

॥ ୨ ॥
ପ୍ରକୃତି ବସିଛି ଝୁଲଣାରେ ଆଜି
ବରଯାତ୍ରୀ କେତେ ଦେଖ
ହୀରା ମୋତି ସର୍ବ ସ୍ୱାଗତ
କରୁଛି
ବସନ୍ତ ଫଗୁଣ ସୁଖ
ଶୁଦ୍ଧ ପ୍ରେମ ବୋଲି ଧଳାର
ପୋଷାକ
ପରଶ ଶୀତଳ ମୁଖ
ପ୍ରକୃତି ବସିଛି ଝୁଲଣାରେ ଆଜି
ବରଯାତ୍ରୀ କେତେ ଦେଖ ।।
ବରଷା ଆସିଛି ଶୁଭ କୁମ୍ଭ ଆଣି
ଜ୍ୱାଳା କ୍ଲେଶ ଅହଂ ଭୁଲି
ପଇସା ବିଞ୍ଚୁଛି ସମୁଦୀକୁ ଡାକି
ଆସ ଖୋସିଦିଅ ମଲ୍ଲି
ଝିଅଙ୍କୁ ତୁମର ସଜାଇବି ପୂର୍ଣ୍ଣ
ପୁଅକୁ କରିକି ମାଳି
ବରଷା ଆସିଛି ଶୁଭ କୁମ୍ଭ ଆଣି
ଜ୍ୱାଳା କ୍ଲେଶ ଅହଂ ଭୁଲି ।।
ପ୍ରଜ୍ଞାଲୀନ'ର ହୃଦୟ ॥

॥ ୩ ॥
ହାତ ପାପୁଲିରେ ପାଇକି
ମୋତିକୁ
ମନ ହୁଏ ଆନମନା
ମନେ ପଡେ ମୋର ସେହି ଦିନ
କଥା
ପିଇଥିଲି ଯେବେ ପଣା ।।
ତୁମେ ଚୁପ ଥିଲ ଶୁଭୁଥିଲା କଥା
ନିରୀହ ଆଖିର ମୁଖେ
ବାରିର ପରଶ ତା ସାଥେ
ବରଫ
ଟାଣି ନେଇଥିଲା ପାଖେ ।।
ଅଜାଣତେ ହୃଦ ଗାଇଥିଲା ଗୀତ
ପାଉଁଜିର ସ୍ୱରେ ସ୍ୱରେ
ଦୁଇଟି ହୃଦୟ ଏକ ହୋଇଥିଲା
ଇନ୍ଦ୍ରଧନୁ ବାରି ଘରେ ।।
ଯପ୍ରଜ୍ଞାଲୀନ'ର ହୃଦୟ
ଜଗତସିଂହପୁର

ବିଶ୍ୱ କବିତା ଦିବସ
ମାର୍ଚ୍ଚ ୨୧
"କବି ହୋଇ କରୁଥିବା
ନିର୍ମଳ କବିତ୍ୱ,
କର୍ଣ୍ଣଦେଇ ଶୁଣୁଥିବ
ରସିକ ପଣ୍ଡିତ ।"
- କବି ଦୀନକୃଷ୍ଣ ଦାସ

ସୌଜନ୍ୟ:
ପ୍ରିୟଦର୍ଶୀ
ବଳଗଣ୍ଡି, ପୁରୀ-୧

# ରେଢୁଆସମବାୟ ସମିତି ରେ ଧାନକ୍ରୟ ହୋଇନପାରିବାରୁ ଚାଷୀଙ୍କ ଧାରଣା



ରଘୁନାଥପୁର : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆ କୃଷି ସମବାୟ ସମିତି ରେ ଧାନକ୍ରୟ ହୋଇପାରିନଥିବାରୁ ପଞ୍ଜିକରଣ କରିଥିବାଚାଷୀ ମାନେ ଶୁକ୍ରବାର ସମବାୟସମିତି ସମ୍ମୁଖରେ ଧାରଣା ବସିଥିଛନ୍ତି । ଧାରଣାରେ ବସିଥିବା ଚାଷୀ ଧାନମଣ୍ଡିରେ ଧାନଦେବାପାଇଁ ଅନଲାଇନ ପଞ୍ଜିକରଣ କରିଟୋକନ ପାଇଥିଲେ ବି ସେମାନଙ୍କ ଧାନ ସରକାର କ୍ରୟକରିନଥିବାରୁ ବାରମ୍ବାର ଜିଲ୍ଲା କାର୍ଯ୍ୟାଳୟକୁ ଦୌଡୁଥିଲେବି ସେମାନଙ୍କ ସମସ୍ୟା କୁ କେହି କର୍ଣ୍ଣପାତ କରିନଥିଲେ । ଯାହାଫଳରେ ସେମାନେ ପ୍ରଶାସନ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କରି ରେଢୁଆସମବାୟ ସମିତି ସମ୍ମୁଖରେ ଅନିଷ୍ଟକାଳପର୍ଯ୍ୟନ୍ତ ଧାରଣାରେ ବସିଥଛନ୍ତି । ଏଠାରେ ପ୍ରକାଶଥାଉକି ଏହି ସମବାୟ ସମିତି ର ଚାଷୀମାନେ ପୂର୍ବରୁ ମଧ ଅନସନରେ ବସିଥବାବେଳେ ଜିଲ୍ଲା ଓ ବ୍ଲକ ପ୍ରଶାସନିକ ଅଧିକାରୀ ମାନେ ବୁଝାସୁଝା କରି ଧାନ ପର୍ଯ୍ୟାୟକ୍ରମେ କ୍ରୟପାଇଁ ପ୍ରତିସୃତିଦେଇ ସେମାନଙ୍କୁ ଅନସନରୁ ଉଠାଇଦେଇଥିଲେ ବି ଆଜିପର୍ଯ୍ୟନ୍ତ ସେମାନଙ୍କ ଧାନଉଠିପାରିନାହିଁ ।ଏହାର ଅସଲି କଥାହେଉଛି ରେଢୁଆ ସମବାୟ ସମିତି ରେ ସଭାପତି, ସମ୍ପାଦକ, ବୋର୍ଡମେମ୍ବର ମାନଙ୍କ ଦ୍ୱାରା ଧାନମଣ୍ଡିରେ ବ୍ୟାପକ ଅନିୟମିତତା ଓ ନିଜପରିବାର ନାମରେ ଟୋକନହାତେଇ ବାହାର ବ୍ୟବସାୟୀ ମାନଙ୍କ ଧାନକ୍ରୟକରି ନେଇଥିବାରୁ ଟୋକନପାଇଥିବା ପ୍ରକୃତ ଚାଷୀ ମଣ୍ଡିରେ ଧାନ ଦେବାକୁ ବଂଚିତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରିଏହିବ୍ଲକର ଜଗନ୍ନାଥ ପୁର ସମବାୟ ସମିତିରେ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟପାଇଁ ୧୭୦ଜଣ ଟୋକନପାଇଥିବା ଚାଷୀ ଧାନମଣ୍ଡିରେ ଦେଇପାରିନାହାଁନ୍ତି । ସେମାନେ ଏହିଧାନକୁ କଣକରିବେ ବୋଲି ମୁଣ୍ଡରେ ହାତଦେଇ ବସିଛନ୍ତି । ତେବେ ରଘୁନାଥପୁର ଅଂଚଳର କାହାଁଭାଆଁ ସମବାୟକୁ ଛାଡିଦେଲେ ଆଉସମସ୍ତ ଧାନମଣ୍ଡିରେ ବ୍ୟାପକ ଅରାଜକତା ଓ ବେଆଇନ କାର୍ଯ୍ୟାପାଇଁ ସମଗ୍ରରାଜ୍ୟରେ ଚର୍ଚ୍ଚା ରେ ରହିଛି ରଘୁନାଥପୁର ବ୍ଲକ । ଏହି ଅଂଚଳର ସମସ୍ତ ସମବାୟ ସମିତି ରେ ବହୁବର୍ଷଧରି ରହିଥିବା ସମ୍ପାଦକ ମାନଙ୍କ ବଦଳିନହେବା ଯୋଗୁ ସେମାନେ ଗୋଟିଏ ସ୍ଥାନ ରେ ରହିଥିବାରୁ ଦୁର୍ନୀତି କରିବାରେ ସକ୍ଷମହେଉଛନ୍ତି । ପ୍ରଥମେ ସରକାର ସେମାନଙ୍କ ବଦଳିକରି ସମବାୟସମିତିରେ ସ୍ୱଚ୍ଛତା ଆଣିବାର ଆବଶ୍ୟକତା ରହିଛିବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶପାଇଛି ।ନିଉଜ ଲେଖାହେବା ବେଳକୁ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଧାରଣା ସ୍ଥଳରେ ପହଂଚି ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ ବି ଧାରଣାକାରୀ ଜିଦରେ ଅଟଳରହିଥିଲେ ।ନିଉଜ ଲେଖାହେବା ବେଳକୁ ଧାରଣା ଚାଲୁ ରହିଥିବା ର ଜଣାଯାଇଛି ।

# ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଇଂଟର୍ନସିପ୍ ଓରିଏଂଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୟାଗଡ଼: ସ୍ଥାନୀୟ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ନୀତି (NEP) ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମାର୍ଗଦର୍ଶିକା ଅନୁଯାୟୀ ଚତୁର୍ଥ ସେମିଷ୍ଟାର ଛାତ୍ରୀମାନଙ୍କ ପାଇଁ ଏକ 'ଇଂଟର୍ନସିପ୍ ଓରିଏଂଟେସନ୍' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ୟୁଥ୍ ରେଡକ୍ରସ୍ ସଂଯୋଜିକା ଶ୍ରୀମତୀ ମୀନାକ୍ଷୀବାଳା ମିଶ୍ର ସଂଯୋଜନା କରିଥିବା ବେଳେ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (OKCL)ର ଲର୍ଣ୍ଣିଂ କୋଅର୍ଡିନେଟର ଶ୍ରୀ ଧୀରେନ୍ଦ୍ର କୁମାର ପଟ୍ଟନାୟକ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ । ଶ୍ରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ଆଧୁନିକ ଯୁଗର ବିଭିନ୍ନ ବୈଷୟିକ କୌଶଳ ଯଥା- ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (AI), ୱେବ୍ ଡିଜାଇନ୍, ଟାଲି (Tally) ଏବଂ ଆଡଭାନ୍ସଡ୍ ଏକ୍ସେଲ୍ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ସମୟରେ ଏହି ଡିଜିଟାଲ୍ କୌଶଳଗୁଡ଼ିକ କିଭଳି କ୍ୟାରିୟର ଗଠନରେ ସହାୟକ ହେବ, ସେ ନେଇ ସେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କର୍ମଶାଳାରେ ମହାବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ବାପି ନାୟକ, ବାଣୀ ବନ୍ଦନା ବିଶ୍ୱାଳ, ବିଭୂତି ମହାପାତ୍ର, ପି.କେ. ପାଣି, ପ୍ରଭାତ କୁମାର ନାୟକ ଏବଂ ମଧୁପର୍ଣ୍ଣା ସାମଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ



ଭବାନୀପାଟଣା : କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ କଳାହାଣ୍ଡି ଜିଲ୍ଲା ପାଳଙ୍କର କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଆଜି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସଡ଼କ ଦୁର୍ଘଟଣା ଜନୀତ ମୃତ୍ୟୁ କିପରି ରୋକାଯାଇ ଶୂନ କରାଯିବ ସେ ସମ୍ପର୍କରେ ଆଲୋଚନା କରିବା ସହିତ ବିନା ହେଲମେଟ ରେ ଗାଡି ଚଳାଇବା ଓ ଅଧିକ ବୋଝେଇ ନେଇ ଗାଡି ଚଳାଇବା,ମଦ୍ୟପାନ କରି ଗାଡି ଚାଳନା କରିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତି ହୋଇଥିଲା । ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ ସଚେତନତା କାର୍ଯକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । କଳାହାଣ୍ଡି ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀଙ୍କ ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ଡିସେମ୍ବର ୨୦୨୫ ରେ ୩୪ ଗୋଟି ସଡ଼କ ଦୁର୍ଘଟଣା ଘଟି ୧୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜାନୁଆରୀ ୨୦୨୬ ରେ ୪୧ ଗୋଟି ସଡ଼କ ଦୁର୍ଘଟଣା ରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଫେବୃୟାରୀ ୨୦୨୬ ରେ ୩୨ ଗୋଟି ସଡ଼କ ଦୁର୍ଘଟଣା ରେ ୨୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଡିସେମ୍ବର ୨୦୨୫ ରୁ ଫେବୃୟାରୀ ୨୦୨୬ ମଧ୍ୟରେ ହେଲମେଟ ନ ପିନ୍ଧିବା, ଦ୍ରୁତ ଗତିରେ ଗାଡି ଚଳାଇବା , ଗାଡି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା , ମଦ୍ୟପାନ କରି ଗାଡି ଚଳାଇବା ଇତ୍ୟାଦି କେଶ ରେ ଆଂଚଳିକ ପରିବହନ ବିଭାଗ ଦ୍ୱାରା ୩୪୨୦ ଚାଲାଣ ଇସ୍ୟୁ କରାଯାଇ ୧୧୯୮ ଜଣ ଙ୍କର ଲଖ ସସପେଣ୍ଡ କରାଯାଇଛି । ଏହି ବୈଠକରେ ଡେପୁଟି କମିଶନର ତଥା ଆଂଚଳିକ ପରିବହନ ଅଧିକାରୀ ପ୍ରତାପ କିଶୋର ପଣ୍ଡା , ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ ଡି ଏସ ପି ଲୋକନାଥ ସାହୁ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ , କମିଟିର ସଦସ୍ୟ , ବରିଷ୍ଠ ସାମ୍ବାଦିକ ଉମା ଶଙ୍କର କର,ଏମ୍,ଭି ଆଇ, ମିଥୁନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଘରୋଇ ବସ ସେବା ସଂଘ ର କର୍ମକର୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ଛାତ୍ରୀଙ୍କ ହତ୍ୟାକାଣ୍ଡର ନ୍ୟାୟ ଦାବିରେ ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



କାମାକ୍ଷାନଗର : କାମାକ୍ଷାନଗର ଥାନା ଅନ୍ତର୍ଗତ ସରୁଆଳି ଗ୍ରାମ ଜଙ୍ଗଲରେ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ପରିବାରକୁ ନ୍ୟାୟ ପ୍ରଦାନ ସହିତ ଅଭିଯୁକ୍ତକୁ ଫସିଦଣ୍ଡ ଦାବିରେ ବିଜୁ ଜନତା ଦଳ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ଦଳୀୟ ନେତୃବର୍ଗଙ୍କ ସହିତ କର୍ମୀମାନେ ହନୁମାନ ବଜାର ସ୍ଥିତ ହନୁମାନଙ୍କ ଠାରେ ଏକତ୍ରିତ ହେବା ପରେ ସେଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଅଙ୍କିତା ପ୍ରିୟଦାର୍ଶନୀ ହତ୍ୟାକାଣ୍ଡରେ ପରିବାରକୁ ନ୍ୟାୟ ପ୍ରଦାନ କରିବା ଓ ଅଭିଯୁକ୍ତମାନଙ୍କୁ ଫାସୀ ଦଣ୍ଡ ଦାବି ରେ ନାରାବାଜୀ କରି ସହର ପରିକ୍ରମା କରାଯାଇଥିଲା

# ସାଧନକେନ୍ଦ୍ର ସଂଯୋଜକଙ୍କ ବିଦ୍ୟାଳୟକୁ ସହାୟତା ରାଶି ପ୍ରଦାନ



ବଡ଼ଚଣା : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ରଇପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ରଇପୁର ଗ୍ରାମର ପୁରାତନ ଛାତ୍ର ତଥା ରଇପୁର ଆଂଚଳିକ ସାଧାନକେନ୍ଦ୍ର ସଂଯୋଜକ ହିମାଂଶୁ ଭୂଷଣ ଜେନା ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ୍ ଅଭିଯାନ (ପଂଚ ସଖା ଶିକ୍ଷା ସେତୁ)କୁ କୋଡ଼ିଏ ହଜାର ଟଙ୍କା ଦାନ କରି ଏକ ଉଦାହରଣ ସାଜିଛନ୍ତି । ଏହି ଅର୍ଥ ରାଶି ଛାତ୍ର ଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବାରେ କିଛି ମାତ୍ରାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ମୋ ସ୍କୁଲ୍ ଅଭିଯାନ (ପଂଚ ସଖା ଶିକ୍ଷା ସେତୁ) ସରକାରଙ୍କ ଏକ ବହୁ ଆଦୃତ ପଦକ୍ଷେପ ଯେଉଁଥିରେ ମୋ ସ୍କୁଲ୍ ଅଭିଯାନ ଜମା ଖାତା ରେ ଜମା ହୋଇଥିବା ଅର୍ଥ ରାଶିର ଦୁଇ ଗୁଣା ଅର୍ଥ ରାଶି ସରକାର ପ୍ରଦାନ କରିଥାନ୍ତି ଓ ସେଥିରେ ବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥାଏ । ପ୍ରକାଶଥାଉକି ହିମାଂଶୁ ଭୂଷଣ ଜେନା ଜଣେ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ କବି ଓ ଆଦର୍ଶ ଶିକ୍ଷକ ଭାବେ ଏ ଅଂଚଳରେ ଜଣାଶୁଣା । ସେ ଦୀର୍ଘ ଦିନ ଧରି ଶିକ୍ଷା ଦାନ ସହ ରକ୍ତଦାନ, ଜଳସେବା, ବୃକ୍ଷ ରୋପଣ ପରି ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଛନ୍ତି । ତାଙ୍କର ଏହି ମହନୀୟ କାର୍ଯ୍ୟ ପାଇଁ ମୋ ସ୍କୁଲ୍ ଅଭିଯାନର ସଭାପତି ଉମେଶ ଚନ୍ଦ୍ର ସେନାପତି ଧନ୍ୟବାଦ ଦେବା ସହ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର



ଭଦ୍ରକ : ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ତିହିଡ଼ି ଡିଗ୍ରୀ କଲଜ, ତିହିଡ଼ିରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବରେ ତିହିଡ଼ି ଡିଗ୍ରୀ କଲେଜର ଅଧକ୍ଷ ରମେଶ ଚନ୍ଦ୍ର, ଭଦ୍ରକ ଡାକ ବିଭାଗର ବିଜନେସ ଏକ୍ଜିକ୍ୟୁଟିଭ ଶୋଭନ ମହାନ୍ତି, ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷ ଦୟାନିଧି ଦାସ, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର୍ ରାଜୀବ କୁମାର ରଞ୍ଜନ, ଲିଡ୍ ବ୍ୟାଙ୍କ୍ ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ଅଧିକାରୀ ମନୋଜ୍ କୁମାର ଦାସ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟ। ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ସାଇବର ସେଲ ଅଧକ୍ଷ। ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଂଚିବାର ଉପାୟମାନ ବୁଝାଇଥିଲେ । ଲିଡ୍ ବ୍ୟାଙ୍କ ମ୍ୟାନେଜର ଓ ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଡାକ ବିଭାଗର ବିଜନେସ ଏଜିକ୍ୟୁଟିଭ୍ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ । ପଦ୍ମନ କୁମାର ରାୟ ଓ ତିହିଡ଼ି ଡିଗ୍ରୀ କଲେଜର ଅଧକ୍ଷ ପିଲାମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ତିହିଡ଼ି ଡିଗ୍ରୀ କଲେଜର ମୋଟ ୨୦୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ଏହି ସଭାର ଥିମ ଥିଲା 'ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' । ଏହି ଥିମ ରେ ଅନୁପ୍ରାଣିତ ହେବା ପାଇଁ ଅଥିତି ପିଲାମାନଙ୍କୁ ଅନୁରୋଧ କରିଥିଲେ ଓ ମହାବିଦ୍ୟାଳୟ ପରିସରରେ ଓ ନିଜ ସାଙ୍ଗ ସାଥୀ ମାନଙ୍କ ମଧ୍ୟରେ ସଂଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରାଇବା ସହ ଜିଲ୍ଲା ପ୍ରଶାସନ ତରଫ ରୁ ଆୟୋଜିତ ଅନେକ ସାକ୍ଷରତା ଶିବିର ଗୁଡିକରେ ଯୋଗଦାନ ଦେଇ ସମାଜକୁ ସୁରକ୍ଷିତ ଓ ଆର୍ଥିକ ସାକ୍ଷର କରିବାରେ ସହାୟକ ହେବ । ଏହି ସଭାଟିକୁ ସଫଳ କରିବାରେ ତିହିଡ଼ି ଡିଗ୍ରୀ କଲେଜର ସମସ୍ତ କାର୍ଯ୍ୟ କର୍ତା, ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ବିଭାଗ ର କର୍ମକର୍ତା ଓ ଡାକ ଏଜେଂଟ ମାନେ ସହାୟକ ହୋଇଛନ୍ତି ।

# ଆର. ଡି. ଏସ୍. ଡିଗ୍ରୀ କଲେଜରେ ପ୍ରାଣୀବିଜ୍ଞାନ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ



ଉଦଳା, କୁଣ୍ଡାବାଇ ସ୍ଥିତ ଆର. ଡି. ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗ ତରଫରୁ "ଫିସାରୀ ଟେକ୍ନିକ ମଡର୍ଣ୍ଣ ଟୁଲ ଆଣ୍ଡ ମ୍ୟାନେଜମେଂଟ" ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ଆଧୁନିକ ମାଛଚାଷ ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ଆସିଷ୍ଟାଂଟ ପ୍ରଫେସର, ମଡେଲ କଲେଜ ସୋନପୁର ର ଡ଼ଃ ଦିଲ୍ଲୀପ କୁମାର ସାହୁ ଯୋଗଦେଇ ଚିଲିକା ର ମାଛ ଏବଂ ସେମାନଙ୍କ କାର୍ଯ୍ୟ କଳାପ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ତଥା ଅନ୍ୟତମ ବିଷୟ ବିଶାରଦ ଭାବେ ନୂଆସାହି କଲେଜର ପ୍ରଣିବିଭାଗ ମୁଖ୍ୟ ଡ଼ଃ ନିବାରଣ ଶତପଥୀ ଯୋଗ ଦେଇ ମୟୁରଭଞ୍ଜ ଜିଲ୍ଲାରେ ଉନ୍ନତ ମାଛଚାଷ ସହିତ ଉତମ ପରିଚାଳନା ଉପରେ ବିଭିନ୍ନ ଆଲୋଚନା ମାନ କରିଥିଲେ । ଏହି ଆଲେଚନା ଚକ୍ରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସ୍ନେହାଶିସ୍ ବେହେରା, ଜ୍ଞାନରଞ୍ଜନ ହାତୀ ଏବଂ କଲ୍ୟାଣୀ ସାମଲ ପ୍ରମୁଖ ନିଜ ନିଜର ପାୱାରପଏଂଟ ଉପସ୍ଥାପନା କରିଥଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଓମପ୍ରକାଶ ଶତପଥୀ ସ୍ୱାଗତ୍ ଭାଷଣ ପ୍ରଦାନ କରିବା ସହ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ବିଭାଗୀୟ ଅଧ୍ୟାପକ ଶ୍ରୀଯୁକ୍ତ ସୁବ୍ରତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଭାଗର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଅସନ୍ତୁଷ୍ଟ କଂଗ୍ରେସ ପକ୍ଷରୁ ବନ୍ଧୁମିଳନ ନାଁରେ ମେଳି




ଜଗତସିଂହପୁର : ଜିଲ୍ଲା ବିରିଡି ବ୍ଲକ ଧାନ କୁଦ ଠାରେ ଅସନ୍ତୁଷ୍ଟ କଂଗ୍ରେସ ପକ୍ଷରୁ ଏକ ବନ୍ଧୁମିଳନ କରାଯାଇଛି । ବନ୍ଧୁ ମିଳନ ନାଁ ରେ କଂଗ୍ରେସ ମେଳି କରିଥିବା ଜଣା ପଡିଛି । ତେବେ ସାମାଜିକ ନ୍ୟାୟ ପାଇଁ ଏହି ବନ୍ଧୁ ମିଳନ କରାଯାଇ ଥିବା ବରିଷ୍ଠ କଂଗ୍ରେସ ନେତା କହିଥିବା ବେଳେ ଜିଲ୍ଲା ସଭାପତି ଙ୍କୁ ଅଣଦେଖା କରାଯାଇଛି । ତେବେ ଜିଲ୍ଲାରେ କଂଗ୍ରେସ ଦୁଇ ଫାଳ ହେବା ବୋଲି ଅନୁମାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ବିରିଡି ବ୍ଲକର କଂଗ୍ରେସ ନେତା ଭାଗ୍ୟଧର ଜେନାଙ୍କ ସଭାପତିତ୍ୱ ଆୟୋଜିତ ଏହି ବନ୍ଧୁ ମିଳନରେ ପୂର୍ବତନ ଜିଲ୍ଲା ସଭାପତି ନଟବର ବାରିକ, ଲିଙ୍ଗରାଜ ମଲ୍ଲ, ବିପ୍ଳବ ଚୌଧୁରୀ, ତିର୍ତୋଲ ନିର୍ବାଚନ ମଣ୍ଡଳୀର୍ ବିଧାୟକ ପାର୍ଥି ପ୍ରତିମା ମଲ୍ଲିକ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥି ନଳିନୀ କାନ୍ତ ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର୍ ବିଧାୟକ ପାର୍ଥି ନିରଂଜନ ନାୟକ ପ୍ରମୁଖ ବହୁ ବରିଷ୍ଠ କଂଗ୍ରେସ ନେତା ଏହି ବନ୍ଧୁ ମିଳନରେ ଯୋଗ ଦେଇ ଥିବାବେଳେ ଜିଲ୍ଲା ସଭାପତି ଦ୍ୱେ ପ୍ରସାଦ ନାୟକଙ୍କୁ ଡକା ଯାଇ ନହିଁ । ତେବେ ଜିଲ୍ଲାରେ କଂଗ୍ରେସର ଦୁଇ ଫାଳ ହେବା ନେଇ ଚର୍ଚ୍ଚା ଜୋର ଧରିଛି । କିଛି ଅସନ୍ତୁଷ୍ଟ କଂଗ୍ରେସ କର୍ମୀମାନେ ମେଳି କରିଥିବା ଚର୍ଚ୍ଚା ହେଉଛି । ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ ଏହି କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି ।

# ମାଆ ବିରଜାଙ୍କ ଆଜ୍ଞା ମାଳ ନେଇ ଯଯାତି ମହୋତ୍ସବ ଆରମ୍ଭ



ଯାଜପୁର : ଐତିହ୍ୟ ଓ ପରମ୍ପରାର ଅନନ୍ୟ ସମନ୍ୱୟରେ ଶୁଭାରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ 'ଯଯାତି–୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା' । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିପୀଠ ଅଧିଶ୍ୱରୀ ମା' ବିରଜାଙ୍କ ପବିତ୍ର ପୂଜାଅର୍ଚ୍ଚନା ଓ 'ଆଜ୍ଞାମାଳ' ପ୍ରାପ୍ତି ସହ ଏହି ଭବ୍ୟ ମହୋତ୍ସବର ଶୁଭ ଶଙ୍ଖନାଦ କରାଯାଇଛି । ମା'ଙ୍କ ମନ୍ଦିର ପରିସରରୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଏବଂ ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଏକ ବିରାଟ ସଂକୀର୍ତନ ଶୋଭାଯାତ୍ରା ବାହାରିଥିଲା । ଘଂଟଘଂଟା, ଶଙ୍ଖଧ୍ୱନି ଏବଂ 'ଜୟ ମା' ବିରଜା' ଧ୍ୱନିରେ ସମଗ୍ର ପରିବେଶ ଏକ ଆଧାତ୍ମିକ ଶିହରଣ ସୃଷ୍ଟି କରିଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କ ଦ୍ୱାରା ମା'ଙ୍କ ପବିତ୍ର ଆଜ୍ଞାମାଳକୁ ପ୍ରଶାସନିକ ଭବନ ପଡ଼ିଆରେ ନିର୍ମିତ ଭବ୍ୟ ରଙ୍ଗମଂଚ ପର୍ଯ୍ୟନ୍ତ ଅଣାଯାଇଥିଲା । ମନ୍ତ୍ରୋଚ୍ଚାରଣ ଓ ଶାସ୍ତ୍ରୀୟ ବିଧି ବିଧାନ ମଧ୍ୟରେ ଆଜ୍ଞାମାଳକୁ ରଙ୍ଗମଂଚରେ ସ୍ଥାପନ କରାଯିବା ପରେ 'ଯଯାତି– ୨୦୨୬' ମହୋତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା ।ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଏହି ଶୋଭାଯାତ୍ରାର ଶୋଭାକୁ ଦ୍ୱିଗୁଣିତ କରିଥିଲା ।

# ବିଦ୍ୟୁତ ସର୍ଟ ସର୍କିଟ ପାଇଁ ଲାଗିଲା ନିଆଁ, ଜଳିଗଲା ୩ ବଖରା ଘର ନଗଦ ଦୁଇଲକ୍ଷ ଟଙ୍କା



ଗଣିଆ : ଗଣିଆ ବ୍ଲକ ବେଲପଡାପାଟଣା ପଂଚାୟତର ରାଉତପଡା କୈବର୍ତ ସାହିରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ୩ ବଖରା ଘର ଜଳି ପୋଡ଼ି ପାଉଁଶ ହୋଇଯାଇଛି । ଘରେ କେହି ନଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଗ୍ରାମର ପ୍ରତାପ ସାହୁ ଏବଂ ବାଦଲ ସାହୁଙ୍କ ଘରେ ଅଚାନକ ନିଆଁ ଲାଗି ଯାଇଥିଲା । ଚାହୁଁ ଚାହୁଁ ନିଆଁର କରାଳ ରୂପ ୩ ବଖରା ଘରକୁ ସଂପୂର୍ଣ୍ଣ ଧ୍ୱଂସ କରି ଦେଇଥିଲା । ଦମକଳ ବାହୀନି ସେଠାରେ ପହଂଚି ନିଆଁକୁ ଆୟତ କରିଥିଲେ ମଧ ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି । ଧାର କରଜ କରି ଛାତ ପକେଇବା ପାଇଁ ରଖିଥିବା ୨ ଲକ୍ଷ ଟଙ୍କା ,ସୁନା ରୂପା, ଆସବାବପତ୍ର ମଧ ନିଆଁରେ ପୋଡି ଯାଇଛି । ପିନ୍ଧା ଲୁଗାକୁ ଛାଡିଦେଲେ ଆଉ କିଛି ବି ନାହିଁ ।ଛାତ ଘରଟିଏ କରି ରହିବାକୁ ଦେଖିଥିବା ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ତେବେ ଘଟଣାସ୍ଥଳରେ ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବିଡ଼ିଓ ଲବଣ୍ୟେନ୍ଦୁ ମହାନ୍ତି,ସରପଂଚ ସୁକାନ୍ତ କୁମାର ଗଣ୍ଡିଆ, ବିଜେପି ସଭାପତି ମହାବୀର ପ୍ରସାଦ ମିଶ୍ର ପ୍ରମୁଖ ପହଂଚିଥିବା ଜଣାପଡିଛି । ପଂଚାୟତ ତରଫରୁ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିବା ବେଳେ ରେଡକ୍ରସ ତରଫରୁ ଉଭୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ତହସିଲଦାର ପ୍ରତିଶୃତି ଦେଇଥିଲେ । ତେବେ ଉଭୟ ପରିବାର ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଆବାସ ଯୋଜନା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ



ଭଦ୍ରକ : ଭଦ୍ରକ ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ ବିକାଶ ପରିଷଦର ମିଳିତ ସହଯୋଗରେ ବିଶ୍ୱ ଖାଉଟି ଅଧିକାର ଦିବସ ଚରମ୍ପାସ୍ଥିତ ଅବନ୍ତିକା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀମତୀ ପ୍ରିତିସ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍ ?ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଖାଉଟିମାନଙ୍କର ଅଧିକାର ସମ୍ବନ୍ଧରେ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଜୋର ଦେଇ ଠକାମିରୁ ବଂଚିବା ପାଇଁ ସମସ୍ତଙ୍କୁ ସଚେତନ ଓ ସଜାଗ ରହିବାକୁ ଆହ୍ୱାନ କରିଥିଲେ । ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ତାଙ୍କ ବକ୍ତବ୍ୟରେ ବିଜ୍ଞାପନର ପ୍ରଭାବରେ ଖାଉଟିମାନେ କିପରି ଭୁଲ ନିଷ୍ପତି ନେଇ ଠକାମିର ସମ୍ମୁଖୀନ ହେଉଛନ୍ତି, ତାହା ଉଲ୍ଲେଖ କରିଥିଲେ । ସେ ୨୦୧୯ ଖାଉଟି ସୁରକ୍ଷା ଆଇନର ବିଭିନ୍ନ ପ୍ରାବଧାନ ଓ ଆଭାସୀ ମାଧମରେ କୋର୍ଟ ଶୁଣାଣିର ସୁବିଧା ବିଷୟରେ ମଧ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବନ୍ତିକା ମହାବିଦ୍ୟାଳୟର ସଭାପତି ଶ୍ରୀ ଅମିତ କୁମାର ମଲ୍ଲିକ ଅନଲାଇନ୍ କ୍ରୟବିକ୍ରୟ ସମୟରେ ଲୋଭରେ ପଡ଼ି ଲୋକମାନେ କିପରି ଠକାମିର ସିକାର ହେଉଛନ୍ତି, ସେଥିପାଇଁ ସଚେତନ ରହିବାକୁ କହିଥିଲେ ।ସହକାରୀ ନିୟନ୍ତ୍ରକ ଶ୍ରୀ ସୁଦର୍ଶନ ଝୁଡୁ ବିଭିନ୍ନ ଓଜନ କଂଟାର ପ୍ରଦର୍ଶନୀ ମାଧମରେ ମାପଜୋଗର ସଠିକତା ବିଷୟରେ ଅଲୋକପାତ କରିଥିଲେ । କଳିଙ୍ଗ ବିକାଶ ପରିଷଦର ବରିଷ୍ଠ ଆଇନଜୀବୀ ଶ୍ରୀ ଦେବେନ୍ଦ୍ର କୁମାର ପଣ୍ଡା ଆଲୋଚନାରେ ଭାଗ ନେଇ କହିଥିଲେ ଯେ ସଚେତନତା ଅଭାବରୁ ଖାଉଟିମାନେ ବିଭିନ୍ନ କ୍ଷେତ୍ରରେ ଶୋଷିତ ହେଉଛନ୍ତି ଓ ଗ୍ରାମାଂଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଅତ୍ୟାବଶ୍ୟକ । ଶେଷରେ ସେ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ କଳିଙ୍ଗ ବିକାଶ ପରିଷଦର ସଂପାଦକ ବ୍ରଜଗୋପାଳ ଦାସ ସହ ଶୁଭେନ୍ଦୁ ବିଶ୍ୱାଳ, ମନିଷା ଦାଶ, ପୂଜାରାଣୀ ଦାସ ଓ ଗିରିଶ ଦାସ ଆଦି ସହଯୋଗ କରିଥିଲେ ।

# ରାହାମାରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଉଦଯାପିତ



ରାହାମା : ଜଗତସିଂହପୁର ରାହାମାଠାରେ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାଗବତ ପ୍ରଚାର ସମିତି ରାହାମା ଆନୁକୁଲ୍ୟରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବର ସଂଯୋଜକ ଓ ସମ୍ପାଦକ ଡ଼ଃ ସୁନାକର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।ପ୍ରତ୍ୟେକ ଦିନ ଭାଗବତ ପରାୟଣ ପଠନ କରାଯାଇ ସନ୍ଧ୍ୟା ସମୟରେ ବରଣ୍ୟ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ ରଖା ଯାଇଥିଲା । ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ପଂଚ କୁଣ୍ଡିୟ ବିଶ୍ୱ ଶାନ୍ତି ମହାଯଂଜ୍ଞ ର ପୂର୍ଣ୍ଣାହୁତି କରାଯାଇଥିଲା ।ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକଙ୍କ ଶ୍ରୀ ଜଗନ୍ନାଥଙ୍କ ଲୀଳା ଉପରେ କଥାମୃତ ରଖିଥିଲେ । ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ଶ୍ରାଦ୍ଧଳୁ ଭକ୍ତମାନେ ଯଜ୍ଞ ସ୍ଥଳ ଓ ମଂଚସୀନ ଚତୁର୍ଦ୍ଧା ମୂରତିକୁ ଦର୍ଶନ କରି ମହାପ୍ରଭୁଙ୍କ ଆଶିଷ ଭିକ୍ଷା ସହିତ ଜଗନ୍ନାଥଙ୍କ ମାନବୀୟ ଲୀଳା ଶ୍ରବଣ କରିଥିଲେ । ବିଭିନ୍ନ ବର୍ଗର ଶିକ୍ଷା, ସଂସ୍କୃତି, ଜ୍ଞାନୀଗୁଣୀ ପଣ୍ଡିତ, ସାଧୁ, ସନ୍ୟାସୀ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ,ସେବାୟତ, ମୁଖ୍ୟ ପୂଜକ ବରିଷ୍ଠ ଆଇନ ଜିବୀ,ସାମ୍ବାଦିକ, ସାହିତ୍ୟିକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ଦିବସରେ ବରଣ୍ୟ ଅତିଥିମାନଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ, ମାନପତ୍ର,ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ଦିବସରେ ମଂଚସୀନ ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସହିତ ସାଧୁ ସନ୍ଥ ସମାଜର ମହନ୍ତ, ନୃସିଂହନାଥ ମଠ ଅଧିକାରୀ ରମାକାନ୍ତ ଦାସ,ସାରଳା ସଂସ୍କୃତି ପ୍ରଚାରକ ରମାକାନ୍ତ ରାଉଳ,କୁଜଙ୍ଗ ସନ୍ଥ ସମାଜର ସଭାପତି ପ୍ରସନାନନ୍ଦ ଅଧିକାରୀ, ପଣ୍ଡିତ ରବିନ୍ଦ୍ର ନାଥ ମିଶ୍ର, ନାଇସର ପୂର୍ବତନ କୁଳପତି ଡ଼ଃ ଅଭୟ ନାୟକ, ଇଫକୋ ପାରାଦ୍ୱୀପର ବରିଷ୍ଠ ଅଧିକାରୀ ପ୍ରସନ୍ନ ବେଉରା, ଦଧୀଚି ଗ୍ରୁପର ଅଧକ୍ଷ୍ୟ ମନୋଜ ଦାଶ, ଜଗନ୍ନାଥ ସଂସ୍କୃତି ଗବେଷକ ଭଗବାନ ଦାସ, ପଣ୍ଡିତ ପ୍ରଶାନ୍ତ ଶତପଥୀ, ଡ଼ଃ ଧ୍ରୁତିଧର ଦାସ, ଯୋଗ ଗୁରୁ ତାପସ ପତି, ଜବାହରନବୋଦୟ ବିଦ୍ୟାଳୟର ଅଧକ୍ଷ୍ୟ ଶ୍ରୀକୃଷ୍ଣ ମହାପାତ୍ର, ଇଂଟେଲେଚୁଆଲ ଫୋରମର ଅଧକ୍ଷ୍ୟ ଅକ୍ଷୟ କୁମାର ସାହୁ, ଜଗନ୍ନାଥ ପଂଚରାତ୍ର ନେମାଳ ପୀଠ ସଂଯୋଜକ ମନୋରଞ୍ଜନ ଖୁଂଟିଆ,କିଓର ଓ୍ୱେଲ ପ୍ରତିଷ୍ଠାତା ଡ଼ଃ କୈଳାଶ ଚନ୍ଦ୍ର ଦଳାଇ, କବିୟତ୍ରୀ ସୁହାଗିନୀ ବେହେରା, କୁବେର ଅପଟିକାଲ ପ୍ରତିଷ୍ଠାତା ବିଜୟ କୁମାର ବିଶ୍ୱାଳ, ମୈତ୍ରୀ ଗ୍ରୁପର ଅଧକ୍ଷ୍ୟ ତଥା ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ସମାଜ ସେବୀ ବିବେକାନନ୍ଦ ହୋତା, ଡାକ୍ତର ଲୋପାମୁଦ୍ରା ବରାଳ, ତିର୍ତୋଲ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁବାସ ଚନ୍ଦ୍ର ଭୋଳ, ଅବସର ପ୍ରାପ୍ତ ଅଧକ୍ଷ୍ୟ ପ୍ରଶାନ୍ତ କାନୁନଗୋ, ପ୍ରଫେସର କବିଚନ୍ଦ୍ର ବେହେରା, ଇଂ ନିରଞ୍ଜନ ସ୍ୱାଇଁ, ସାରଳା ମହାବିଦ୍ୟାଳୟର ଅଧକ୍ଷ୍ୟ ସୁବାସ ଚନ୍ଦ୍ର ନାୟକ,ସତ୍ୟସାଇ ସେବା ସଙ୍ଗଠନ ରାହାମାର ଆବାହକ କାନ୍ହୁ ଚରଣ ସାହୁଙ୍କ ସହିତ ସାଇ କର୍ମକର୍ତା ପ୍ରେସ କ୍ଲବ ରାହାମାର ସଭାପତି ଡ଼ଃ ମାନସ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ଦାସ, ବରିଷ୍ଠ ସଦସ୍ୟ ନୃସିଂହ ଚରଣ ବାରିକ,ନିର୍ଲିପ୍ତ ଦାସ,ସୁଶାନ୍ତ ମଲ୍ଲିକ,ପବିତ୍ର ସେନାପତି, କୋଷାଧକ୍ଷ ଯଜ୍ଞଶ୍ୱର ଦଳାଇ, ବଜାର କମିଟି ସଭାପତି ଶିଶର କୁମାର ଦାସଙ୍କୁ ବାବା ସତ୍ୟାନନ୍ଦ ଦାସ ମହାରାଜ ପୁଷ୍ପ ଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପଂଚ କୁଣ୍ଡିୟ ବିଶ୍ୱ ଶାନ୍ତି ଯଂଜ୍ଞରେ ବୈଦିକ ବ୍ରାହ୍ମଣ ଯଂଜ୍ଞ ପୁରୋହିତ ବିଷ୍ଣୁଚରଣ ପାଢ଼ୀଙ୍କ ସହିତ ସହଯୋଗୀମାନେ କାର୍ଯ୍ୟ ସମ୍ପାଦନ କରିଥିଲେ । ଯଂଜ୍ଞ କର୍ତା ଭାବେ ଲକ୍ଷ୍ମୀଧର ସାହୁ, କର୍ତୀ ସସ୍ମିତା ଲେଙ୍କା,ଉତମ ଚରଣ ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ଶ୍ରୀକାନ୍ତ କୁମାର ମହାନ୍ତି, ନିତ୍ୟାନନ୍ଦ ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ । ଅନୁଷ୍ଠାନ ତରଫରୁ ବରିଷ୍ଠ ସଦ୍ୟସ ଭିକାରି ଚରଣ ସେନାପତି,ଅଜୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ଦାସ, କାର୍ତିକ ସାହୁ, ଜିତେନ୍ଦ୍ର ସ୍ୱାଇଁ,ପ୍ରଶାନ୍ତ କୁମାର ସାହୁ,ବଂଶୀଧର କୁଣ୍ଡୁ,ଶରତ କୁମାର ସାହୁ, ବିଶ୍ୱନାଥ ସାହୁ , ଧ୍ରୁବ ଚରଣ ଦାସ,ବିପିନ ବରାଳ, ମନୋହର ସ୍ୱାଇଁ, ଅମୀୟ କୁମାର ଜେନା, ରମେଶ ମହାପାତ୍ର,ପ୍ରଦୀପ୍ତ କୁମାର ସାହୁ, ସରୋଜ ଦାସ,ବିନୋଦ କୁମାର ବରାଳ, ସୁଲେଖ ବେହେରା, ପ୍ରକାଶ କୁମାର ବିଶ୍ୱାଳ, ଦିଲ୍ଲୀପ ସେନାପତି, ପ୍ରଦୀପ ରାଉତ, କୈଳାଶ ଚନ୍ଦ୍ର ନାୟକ,ଜୟନ୍ତ ମହାନ୍ତି, ଗଗନ ସ୍ୱାଇଁ, ଗଗନ କୁମାର ଦାସ, ଦୁର୍ଯ୍ୟୋଧନ ପାତ୍ର,ରୁଦ୍ର ପ୍ରସାଦ ନନ୍ଦ, ସମ୍ବାଦ ପ୍ରତିନିଧି ଦେବାଶିଷ ଅକ୍ଷୟ କୁମାର ମହାନ୍ତିଙ୍କ ସହିତ ସମସ୍ତ ସଦସ୍ୟ ପରିଚାଳନା କରିବାରେ ମୁଖ୍ୟ ଭୂମିକା ନେଇଥିଲେ ।

# ଜିଲ୍ଲା ସ୍ତରୀୟ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ -୨୦୨୬




ଯାଜପୁର : ଯାଜପୁର ଟାଉନ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ତରଫରୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ତରୀୟ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ -୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଯାଜପୁର ମୁନିସିପାଲିଟି ଅନ୍ତର୍ଗତ କଲେଜ ଓ ସ୍କୁଲମାନଙ୍କର ଅଧକ୍ଷ, ପ୍ରଧାନଶିକ୍ଷକ ଓ ଶିକ୍ଷକଶିକ୍ଷୟତ୍ରୀମାନେ ଯୋଗଦାନ କରିଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତିଙ୍କ ସଭାପତିତ୍ୱରେ ଉକ୍ତ ସଚେତନତା ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ମୁଖ୍ୟବକ୍ତା ରୂପେ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା, ଶ୍ରୀନିବାସ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଇଓ, ଦଶରଥପୁର, ବିଇଓ, ବରୀ, ଏବିଇଓ, ଯାଜପୁର ଓ ଏବିଇଓ, ବିଂଝାରପୁର ଅଂଶଗ୍ରହଣ କରିଥିଲେ । ମୁଖ୍ୟବକ୍ତା ନିଜର ବକ୍ତବ୍ୟରେ ଗ୍ରୀଷ୍ମ ପ୍ରଭାହ ସମୟରେ କଣ କରିବା ଓ କଣ ନକରିବା, ସରକାରଙ୍କ ଦ୍ୱାରା ପ୍ରସାରଣ କରାଯାଉଥିବା ବିଭିନ୍ନ ସୂଚନାକୁ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ମତ ପୋଷଣ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଗ୍ରୀଷ୍ମ ପ୍ରଭାହ ସମୟରେ ଶିକ୍ଷକ ଶିକ୍ଷୟତ୍ରୀମାନେ ବିଦ୍ୟାଳୟରେ ପିଇବା ପାଣି, ଗ୍ଲୁକୋଜ, ଓ ଆର ଏସ ମହଜୁଦ ରଖିବା ସହ ଅଂଶୁଘାତ ପାଇଁ ଏକ ସ୍ୱତନ୍ତ୍ର କୋଠରୀ କରିବା ପାଇଁ ମତ ପ୍ରକାଶ କରିଥିଲେ । ଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁପ୍ରଭା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ତଥା କର୍ମଚାରୀମାନେ ସହଯୋଗ କରିଥିଲେ ।

# ଗୁଟିଙ୍ଗିଆରେ ଥିବା ଆର୍ଯ୍ୟ ସମାଜ ର ୨୪ ତମ ବାର୍ଷିକ ଯଜ୍ଞ ମହୋତ୍ସବ ଓ ସୃଷ୍ଟି ଦିବସ ପାଳିତ



ଫୁଲବାଣୀ, ଟିକାବାଲି : ଟିକାବାଲି ଥାନା ଅନ୍ତର୍ଗତ ଗୁଟିଙ୍ଗିଆ ଅର୍ଗାଡି ଠାରେ ଥିବା ଆର୍ଯ୍ୟସମାଜର ୨୪ ତମ ବାର୍ଷିକ ଯଜ୍ଞମହୋତ୍ସବ ଓ ସୃଷ୍ଟି ଦିବସ ପାଳିତ ହୋଇଯାଇଛି । ଏହା ଦୁଇ ଦିନ ଧରି ଚାଲିଥିବା ବେଳେ ପଥମ ଦିନରେ ଓଁଧ୍ୱଜା ଉତୋଳନ, ଦେବଯଜ୍ଞ, ଜ୍ଞାନଜ୍ଞ, ଅର୍ଣଯଜ୍ଞ, ସଭାଯାତ୍ରା ଓ ସାମୁହିକ ସଂଧ୍ୟା କରାଯିବା ସହ ପ୍ରବଚନ,ଉପାସନା କରାଯାଇଥିଲା । ପରେ ଭଜନ ଓଡିଶା ପରିବ୍ରାଜକ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ,ନୂଆପଡା ଡ଼ଃ,ଉମେଶ ଜି, ଚାଂଚେଡି ତପବନ ଶାନ୍ତିଆଶ୍ରମ ଆଚାର୍ଯ୍ୟବୈକୁଣ୍ଠସତ୍ୟାର୍ଥ, ସତ ଶାସ୍ତ୍ରୀ,ଜୋତି ପ୍ରକାଶ ଆଚାର୍ଯ୍ୟ, ଶ୍ରୀମାନ ଲକ୍ଷ୍ମଣଶର୍ମାଜି ପ୍ରବଚନ ଶୁଣାଇଥିଲେ । ଏଥିରେ କନ୍ଧମାଳ ଜିଲ୍ଲାର ଆଠଟି ବ୍ଲକର ସଭ୍ୟ, ସଭ୍ୟା ତଥା ମାତୃବୃନ୍ଦ ଉପସ୍ଥିତ ରହିଥିଲେ । ଦ୍ୱିତୀୟ ଦିନରେ ନୂଆଗାଁ ସ୍ଥିତ ଓମାନନ୍ଦ ଛାତ୍ରାବାସର ଛାତ୍ରଗଙ୍କ ଦ୍ୱାରା ଖେଳ, ବ୍ୟାୟାମ, କୁସ୍ତି, ଲାଠି ଚାଳନା ଇତ୍ୟାଦି ଖେଳ ଶ୍ରୀ ମୃତ୍ୟୁଞ୍ଜୟ ଆଚାର୍ଯ୍ୟଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା ଏବଂ ଏହା ଆର୍ଯ୍ୟ ସମାଜର ନୂତନ ନିୟମ ନୁହେଁ କି ଲୋକମାନଙ୍କୁ ବିଭ୍ରାନ୍ତ କରାଯାଉ ନାହିଁ ଏହା ବର୍ତମାନ ବେଦଗଣନା ଅନୁଯାଇ (ଏକ ବୃନ୍ଦ ଛୟାନବେ କୋଟି ଆଠ ଲକ୍ଷ ତେପନ ହଜାର ଶହେ ଛବିଶି ହଜାର ) ଚାଲିଛି ଆର୍ଯ୍ୟ ସମାଜର ଜନ୍ମ । ଏହା ସଂସାରର ସମସ୍ତ ମନୁଷ୍ୟ ଜାତି ପାଇଁ ଉଦିଷ୍ଟ ଅଟେ । ମନୁଷ୍ୟ ଜନ୍ମ ଠାରୁ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏ ଧାରାରେ ଜୀବନ ପଥକୁ ଆଗକୁ ଯିବାର ମାନବଜୀବନ ସମ୍ମଳିତ ଅଟେ । ବନ୍ଧୁଗଣ ଏହି ପଥକୁ ନିଜଜ୍ଞାନ ସହ ନିରୀକ୍ଷକ କରି ଆଗକୁ ପରିବାର ସହ ବଢିବା ପାଇଁ ଚେଷ୍ଟା କରୁଅଛୁ ଏ ଖବର ଶୁଣିବା ପଢିବା ପରେ ଯଦି ଭଲ ଲାଗେ ତେବେ ଆପଣ ମଧ୍ୟ ଏ ବାଟକୁ ଆସନ୍ତୁ ବୋଲି ବୁଦ୍ଧିଜୀବୀ ମାନେ ବକ୍ତବ୍ୟ ରଖିଥିଲେ । ଏଥିରେ ବହୁ ସଂଖ୍ୟାରେ କଣ ଅନୁକୋଣ ରୁ ଭକ୍ତମାନେ ଉପସ୍ଥିତ ରହିଥିଲେ । ଏହାକୁ ଜିଲ୍ଲା ସଭାପତି ଅଜୀବନ ମଲ୍ଲିକ, ସେକ୍ରେଟାରୀ ବିଶ୍ୱାମିତ୍ର ପ୍ରଧାନ,କୋଷାଧକ୍ଷ ସାଇନା ପ୍ରଧାନ ଉପସ୍ଥିତ ରହିଥିବା ସହ ଗୁଟିଙ୍ଗିଆ ଆର୍ଯ୍ୟସମାଜର ସଂଚାଳକ ଧରଣୀଧର ମଲ୍ଲିକ, ସଭାପତି ପର୍ଶୁରାମ କହଁର, ସମ୍ପାଦକ ଶିବରାମ କହଁର, ସହସମ୍ପାଦକ ପ୍ରଦେଶ୍ୱର କହଁର, ଉପସଭାପତି ଚୈତନ୍ୟ କହଁର, କୋଷାଧକ୍ଷ ଦିଲୀପ କୁମାର ପ୍ରଧାନ, ସାମ୍ବାଦିକ ବାଳକୃଷ୍ଣ କହଁର,ବାନପ୍ରସ୍ତି ବିଶ୍ୱନାଥ ଜି, ପ୍ରେମାନନ୍ଦ ବନପ୍ରସ୍ତି, ଗୋବିନ୍ଦ ବନପ୍ରସ୍ତି, ମହେନ୍ଦ୍ର ବାନପ୍ରସ୍ତି ରହି କାର୍ଯ୍ୟକୁ ତୁଲାଇଥିଲେ । ଭକ୍ତମାନେ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକ ମଂଚ ମହାବୀରକ୍ଷେତ୍ର ଦଶପଲ୍ଲାର ନୂତନ କର୍ମକର୍ତା କାର୍ଯ୍ୟକାରିଣି କମିଟିର ପ୍ରଥମ ବୈଠକ



ଦଶପଲ୍ଲା : ଦଶପଲ୍ଲା ବରିଷ୍ଠ ନାଗରିକ ମଂଚ ମହାବୀରକ୍ଷେତ୍ର ଦଶପଲ୍ଲାର ନୂତନ ଭାବେ ଭୋଟିଙ୍ଗ ମାଧ୍ୟମରେ ନିର୍ବାଚିତ ହୋଇଥିବା କର୍ମକର୍ତାମାନଙ୍କର ପ୍ରଥମ ବୈଠକ ଦଶପଲ୍ଲା ପୁରୁଣା ଏନ ଏ ସି ଅଫିସ ଘର ଠାରେ ଖୁବ ଆଡମ୍ବର ପୂର୍ଣ୍ଣ ଭାବରେ ପାଳନ କରାଯାଇଥିଲା ଏଥିରେ ନୂତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ସୁଶାନ୍ତ କୁମାର ପାତ୍ର, ଉପସଭାପତି ଶ୍ରୀ ଗଙ୍ଗାଧର ମିଶ୍ର,ସମ୍ପାଦକ ରାମ ଲାଲ ଆଗ୍ରୱାଲା, ସହ ସମ୍ପଦକ ବିଜୟକୁମାର ସାହୁ କ୍ୟାସିୟର ଶ୍ରୀ ରଙ୍କନିଧି ସାହୁ, ଉପ କୋଷାଧ୍ୟଯକ୍ଷ୍ୟ ଶ୍ରୀ ଗଣେଶ୍ୱର ସାହୁ, କମିଟି ସଭ୍ୟ ଶ୍ରୀ ମାଧବ ପୃଷ୍ଟି ପଦବୀଧାରୀ ମାନେ ତାଙ୍କର ମତ ବ୍ୟକ୍ତ କରିଥିଲେ କି ଏକତାର ଜୟ ହିଁ ପ୍ରକୃତ ଜୟ, ମଂଚର ଉପଦେଷ୍ଟା କମିଟିର ପାଂଚଜଣ ସଭ୍ୟ ମଧ୍ୟରୁ ଦଶପଲ୍ଲା ବଣିକ ମହାସଂଘର ସଭାପତି ଶ୍ରୀ ଅଲେଖ ଚନ୍ଦ୍ର ସାହୁ, ତାଙ୍କର ଅଭିଭାଷଣ ମାଧ୍ୟମରେ ସଙ୍ଘର ଏକତା, ଶ୍ରୀ ପ୍ରଫୁଲ କୁମାର ବାରିକି ଶିକ୍ଷାବିତ୍ ସୁନ୍ଦର କଥାଟିଏ କହିଲେକି ପୁରୁଣା ବୋତଲରେ ନୂଆ ପାଣିରଖାଗଲା କାରଣ ପୁରୁଣା ଅନୁଷ୍ଠାନର ଦମ ବେସୀ ନଥିବାଭଳି ଅନୁଭବ ହଉଥିଲା,ଶ୍ରୀକାନ୍ତ ପଣ୍ଡା ଏକତାର କଥା କହିଥିଲେ ଆଉ ଆଗାମୀ କାର୍ଯ୍ୟ ଧାରା କୁ ସମସ୍ତେ ମିଳିମିଶି ବହୁ ଆଗକୁ ନବାର ଅଛି ସମସ୍ତେ ନିଜ ନିଜ ନିଜ ସ୍ତରରେ ଉଦ୍ୟମ ଜାରିରଖିବା, ଦଶପଲ୍ଲା ବାର ଆସୋସିଏସନର ବରିଷ୍ଟ ଓକିଲଶ୍ରୀ କୃଷ୍ଣ ଚନ୍ଦ୍ର ଦାଶ ସଙ୍ଘର ଆଇନ ବିଷୟରେ ବହୁ ଉପାଦେୟ କଥା କହିବାସହିତ ଆଉ ଜଣେ ବରିଷ୍ଟ ଓକିଲ ମହୋଦୟ ଶ୍ରୀ ଶୈଳେନ୍ଦ୍ର କୁମାର ଦେଓ ଏକାଠି ହୋଇ ସମସ୍ତେ ବରିଷ୍ଠ ମାନଙ୍କର ସେବା କରିବା ଶ୍ରୀ ତାରାକାନ୍ତ ସାହୁ ମଧ୍ୟ ସମସ୍ତେ ମିଳିମିଶି କାମକରିବା ପାଇଁ କହିଥିଲେ ଏବଂ ମଂଚରେ ନୂତନ ସଭାପତି କହିଲେ ସଙ୍ଘର ରେଜିଷ୍ଟେସନ, ଜାଗା କଥା, ଆଗାମୀ ତିନିମାସ ମଧ୍ୟରେ ସମସ୍ତଙ୍କୁ ସାଙ୍ଗେରେ ନେଇ ନିଶ୍ଚୟକରିବା ଯାହା କି ଆଗରୁ ହୋଇପାରିନଥିଲା, ପୁନଃବାର ଦଶପଲ୍ଲାର ଏଇ ଚାରିଗୋଟି ଅଫିସ ଏନଏସି , ବିଡ଼ିଓ, ତହସିଲଦାର, ଥାନା ଅଧିକାରୀ ବନ୍ଧୁ ମାନଙ୍କ ସହ ମିଶି ମଂଚର ସମସ୍ତ କାମକୁ କରିବା ଆଉସବୁଠାରୁ ବଡ଼କଥା କହିଲେ କି ସବୁ ଗ୍ରାମ ପଂଚାୟତ ଓ ଏନ ଏସି ଓ୍ୱାଡ଼ରେ ଦୁଇଜଣ ସକ୍ରୀୟ ମେମ୍ବର ଚୟନ କରି ଗୋଟିଏ ପରିଚାଳନା କମିଟି ଶୀଘ୍ର କରିବା ଏଥିରେ ଦଶପଲ୍ଲାର ସମସ୍ତ ବରିଷ୍ଠନାଗରିକ ସଭ୍ୟ, ସଭ୍ୟା ଭାଇ ଭଉଣୀ ମାନଙ୍କୁ ସାଙ୍ଗରେ ନେଇ ଚଲାଇବା ସର୍ବ ସମ୍ମତି କ୍ରମେ ସମ୍ପାଦକ ଦାନ୍ୟବାଦ ଦେଇ ସଭାକୁ ସାଙ୍ଗ କରିଥିଲେ ।

# ମା ତାରାତାରିଣୀ ମନ୍ଦିର ଦାନହୁଣ୍ଡି ଗଣତି



ପୁରୁଷୋତମପୁର : ଗଞ୍ଜାମ ଜିଲାର ଇଷ୍ଟ ଦେବୀ ମା' ତାରାତାରିଣୀ ମନ୍ଦିର ର ଦାନ ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣତି ହୋଇଛି । ଏହି ସମୟରେ ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତମପୁର ତହସିଲଦାର ବିନୋଦ କୁମାର ବେହେରା, ମନ୍ଦିର ପରିଚାଳନା କମିଟି କର୍ମକର୍ତା, ଜିଲ୍ଲା ପ୍ରଶାସନ, ପୋଲିସ ଓ ସେବାୟତମାନେ ଉପସ୍ଥିତ ଥିଲେ । ଏହି ହୁଣ୍ଡୀ ଶେଷ ଥର ପାଇଁ ଫେବୃଆରୀ ୭ ତାରିଖରେ ଖୋଲା ଯାଇଥିଲା । ବର୍ତମାନ ମାଁଙ୍କ ୩ ଟି ହୁଣ୍ଡୀ ଖୋଲା ଯାଇଥିଲା । ଏଥିରୁ ମୋଟ ୭ ଲକ୍ଷ୍ୟ ୮୦ହଜାର ଟାଙ୍କ ଶହ ମୂଲ୍ୟବାନ ସୁନା ଓ ରୂପା ଅଳଙ୍କାର ବାହାରିଥିଲା । ପାହାଡ ତଳେ ଥିବା ସିଂହଦ୍ୱାର ହୁଣ୍ଡି ମଧ୍ୟରୁ କିଛି ଚୁଇଁଗମ ଓ କାଠି ବାହାରିଥିଲା । ଯାହା ଶୁଣାଯାଉଛି ଭକ୍ତମାନେ ଦେଇଥିବା ଦାନ ନୋଟକୁ ଦୁର୍ବୃର୍ତମାନେ ବାହାର କରିବା ପାଇଁ କାଠିରେ ଚୁଇଁଗମ ଲଗାଇ ଦାନହୁଣ୍ଡି ଭିତରକୁ ପକାଇ ତ ଭିତରୁ ଟଙ୍କା ଲୁଟିବାକୁ ଯୋଜନା କରି ଥାଇପାରନ୍ତି କିନ୍ତୁ ସଫଳ ହୋଇପାରି ନାହାନ୍ତି । ସେମାନେ ପକାଇଥିବା ଚୁଇଁଗମ୍ ଦାନହୁଣ୍ଡି ମଧ୍ୟରେ ଖସି ରହିଯାଇ ଥିବାର ଦେଖିବାକୁ ମିଳିଥିଲା । ହୁଣ୍ଡି ଗଣତି ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କେ.ଦେବାଶିଷ ପାତ୍ର, ପୁରୁଷୋତମପୁର ଏସ୍ ?ଆଇ କିରଣ ବକ୍ସି, ସେବାୟତ ବାପୁଜୀ ରଣା, ପୋଲିସ କର୍ମଚାରୀ ଓ ତହସିଲ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଚିକିଟି ସମ୍ବାଦ ସାହିତ୍ୟ ଘରର ପଖାଳ ଦିବସ



ଚିକିଟି : ଚିକିଟି ସମ୍ବାଦ ସାହିତ୍ୟ ଘର ତରଫରୁ ପିତାତଳି ପଂଚାୟତ ମାଧବନ୍ଧ ସ୍ଥିତ ଉକ୍ଳମଣି ହାଇସ୍କୁଲ ରେ ପଖାଳ ଦିବସ ପାଳନ ପାଇଁ ପ୍ରସ୍ତୁତି ହୋଇଥିଲା । ସାହିତ୍ୟ ଘର ସଭାପତି ଦୁର୍ଗାମାଧବ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଉକ୍ଳମଣି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରମିତା ପାଢ଼ୀଙ୍କର ସହଯୋଗ କ୍ରମେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାହିତ୍ୟ ଘର ବରିଷ୍ଠ ସଭ୍ୟ କ୍ଷମା ସାଗର ମହାରଣା, ସାହିତ୍ୟ ଘର ପୂର୍ବତନ ସଭାପତି ନିଗମାନନ୍ଦ ପଣ୍ଡା, ଚିକିଟି ଓଡ଼ିଆ ବିଭାଗ ମୁଖ୍ୟ ଡ଼. ସଞ୍ଜୟ କୁମାର ପଣ୍ଡା, ସାହିତ୍ୟ ଘର ଉପ ସଭାପତି ତ୍ରିପତି ପ୍ରଧାନ, କୋଷାଧକ୍ଷ ରମାକାନ୍ତ ବେହେରା ଉପସ୍ଥିତି ରେ ପଖାଳ ସମ୍ପର୍କ ରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେ ଏବିଇଓ ତ୍ରିନାଥ ମଳିକ, ନାୟକ ସେଠି,ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ, ସିଏଚ. ସସ୍ମିତା କୁମାରୀ ପାତ୍ର, ଜି. କ୍ରିଷ୍ଣାବେଣୀ,ଶିବ ପ୍ରସାଦ ଗୌଡ଼, ଅଭିମନ୍ୟୁ ପ୍ରଧାନ, ସୁଧାଂଶୁ କୁମାର ରାଉତ, ରାମକ୍ରୀଷ୍ଣା ନାୟକ, ବିନୟ କୁମାର ରାଉତ, ବି. ଜଗନ୍ନାଥ ରେଡ଼ି, ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଶିକ୍ଷକ ଉପସ୍ଥିତି ରେ ପଖାଳ ଦିବସ ପାଳନର ମହତ୍ୱ ସମ୍ପର୍କ ରେ ବିସ୍ତୃତ ଆଲୋଚନା ହୋଇଥିଲା । ଦହି ପଖାଳ ସାଙ୍ଗକୁ ମାଛ ଭଜା, ଶାଗ ଭଜା, ବଡିଚୁରା, ପାମ୍ପଡ଼, ଲେମ୍ବୁଲୁଣ କାକୁଡି ଲଙ୍କା, ଆଳୁ ଭର୍ତା, ସାଲାଡ଼ ଭୋଜନ ରେ ସମସ୍ତେ ମଜା ଅନୁଭବ କରିଥିଲେ । ସାହିତ୍ୟ ଘର ସଂଯୋଜକ ବିଭୁଧେନ୍ଦ୍ର ପାଢ଼ୀ ଏବଂ ସମାଜସେବୀ ସଂଗ୍ରାମ କେଶରୀ, ପ୍ରଭାତ ମହାରଣାଙ୍କ ସଂଯୋଜନା ଏବଂ ସହଯୋଗ ରେ ମାର୍ଚ୍ଚ ୨୦ ପଖାଳ ଦିବସ ଅତି ଉତ୍ସାହ, ଉଦ୍ଦିପନା ରେ ପାଳନ ହୋଇଥିଲା ।

# ମଂଚରେ ଜୀବନ୍ତ ହେଲା 'ସମୁଦ୍ର': ସମ୍ବଲପୁରୀ ନାଟକରେ ଦେଖିବାକୁ ମିଳିଲା ସଭ୍ୟତା ଓ ସଂଘର୍ଷର ଅପୂର୍ବ ସମନ୍ୱୟ



ନୟାଗଡ : ନାଟ୍ୟଧାରା ପକ୍ଷରୁ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୬ଷ୍ଠ ଦିବସରେ 'ସୂର, ସମ୍ବଲପୁର' ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ସମ୍ବଲପୁରୀ ନାଟକ 'ସମୁଦ୍ର' ସଫଳତାର ସହ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ମଂଚସ୍ଥ ହୋଇଯାଇଛି । ଡକ୍ଟର ପ୍ରସନ୍ନ କୁମାର ସାହୁଙ୍କ ଲିଖିତ ଏହି ନାଟକଟି ନିଜର ନିଆରା କଥାବସ୍ତୁ ଓ ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି । ?ନାଟକର କାହାଣୀ ଜଣେ ଜଙ୍ଗଲୀ ଯୁବକ 'କମ୍ଭୁ' ଓ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା 'କ୍ୟାପଟେନ କିଶନ'ଙ୍କ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଥିଲା । ଏକ ନିଛାଟିଆ ଦ୍ୱୀପରେ ପ୍ରକୃତିର ନିର୍ମମତା ଏବଂ ମାନବିକତାର ପରୀକ୍ଷାକୁ ମଂଚରେ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଥିଲା । ବିଶେଷ କରି ମହାଭାରତର ପ୍ରସଙ୍ଗ ମାଧ୍ୟମରେ ନୈତିକତାର ବାର୍ତା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ?ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ର ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ 'କମ୍ଭୁ' ଭୂମିକାରେ ଏକ ଦମଦାର ଅଭିନୟ ପ୍ରଦର୍ଶନ କରିଥିଲେ । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ?ସପନୀ ଭୂମିକାରେ ଦିବ୍ୟାନି ଚଇନିଙ୍କ ଭାବପୂର୍ଣ୍ଣ ଅଭିନୟ ତଥା ?କ୍ୟାପଟେନ କିଶନ ଭାବେ ସତ୍ୟନାରାୟଣ ସାହୁଙ୍କ ପରିପକ୍ୱ ଅଭିନୟ ଦର୍ଶକ ମାନଙ୍କୁ ବେଶ ବିମୋହିତ କରିଥିବା ବେଳେ ?କେତନ ଭୂମିକାରେ ସତୀନ୍ଦ୍ର ନାୟକଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା । ?ନାଟକଟିକୁ ସଫଳ କରିବାରେ ବୃନ୍ଦାବନ ମିଶ୍ରଙ୍କ ଚମତ୍କାର ଆଲୋକ ସମ୍ପାଦନା ଓ ଶିବସାୟୀ ମିଶ୍ରଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ପୁଷ୍ପାଞ୍ଜଳି ଦାଶ, ଜନାର୍ଦ୍ଦନ ପ୍ରଧାନ ଓ ବିକାଶ ଧ୍ରୁବଙ୍କ ଦ୍ୱାରା ପ୍ରସ୍ତୁତ ମଂଚ ସଜ୍ଜା ଦର୍ଶକଙ୍କୁ ପ୍ରକୃତ ଦ୍ୱୀପର ଅନୁଭୂତି ପ୍ରଦାନ କରିଥିଲା ।'ସମୁଦ୍ର କେବଳ ଦୁଇଟି କୂଳକୁ ପୃଥକ କରେନାହିଁ, ବରଂ ସଂଘର୍ଷ ଓ ସହନଶୀଳତା ମାଧ୍ୟମରେ ମଣିଷକୁ ଯୋଡ଼ିଥାଏ,' ଏହି ବାର୍ତା ସହ ନାଟକଟି ଶେଷ ହୋଇଥିଲା । ଆଜିର ନାଟକକୁ ଉଦଘାଟକ ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ,ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ,ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ ଏବଂ ଯୁବ ଶିଳ୍ପଦ୍ୟୋଗୀ ତାପସ କୁମାର ପାଢ଼ୀ ଉପସ୍ଥିତ ଥିଲେ ।ଏହି ଅବସରରେ ନାଟକର ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ରଙ୍କୁ ନାଟ୍ୟଧାରା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟଧାରା ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ୟପ୍ରଦର୍ଶନ ଶେଷରେ ଉପସ୍ଥିତ ଅତିଥି ଓ ନାଟ୍ୟ ପ୍ରେମୀମାନେ କଳାକାରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ସମ୍ବଲପୁରୀ ନାଟକ କ୍ଷେତ୍ରରେ ଏହା ଏକ ମାଇଲଖୁଂଟ ବୋଲି ମତ ପ୍ରକାଶ କରିଛନ୍ତି ।

# ଜିଲ୍ଲା ସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ



ବାଲେଶ୍ୱର : ବିଶ୍ୱ ସାମାଜିକ ନ୍ୟାୟ ଦିବସ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ସଚେତନତ ମୂଳକ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଉଦ୍ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଉଦ୍ଘାଟନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସାମାଜିକ ନ୍ୟାୟ ପାଇଁ ବରିଷ୍ଠ ନାଗରିକ ମାନଙ୍କ ଯୋଗଦାନ ଓ ବିଭିନ୍ନ ସଚେତନତା ମୂଳକ ବାର୍ତା ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ସାଇବର ଠକେଇର ବିଭିନ୍ନ ଦିଗ ଉପରେ ବରିଷ୍ଠ ନାଗରିକ ମାନଙ୍କୁ ସଚେତନତା କରାଇଥିଲେ । ଲିଡ ବ୍ୟାଙ୍କ୍ ମ୍ୟାନେଜର ବରିଷ୍ଠ ନାଗରିକଙ୍କ ସଂଚୟ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହା ବ୍ୟତୀତ ବରିଷ୍ଠ ନାଗରିକଙ୍କ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପଦେଷ୍ଟା ଗିରିଶ ଦାସ, ସମ୍ପାଦକ ଦାମୋଦର ନାୟକ ସଚେତନତା ବାର୍ତା ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ।

## ଯାତ୍ରୀ ସୁବିଧା ଓ ସୁରକ୍ଷାର ସମୀକ୍ଷା କଲେ ଶ୍ରୀ ଅଶ୍ୱିନୀ ବୈଷ୍ଣବ

# ଏଆଇ-ପରିଚାଳିତ ସଂସ୍କାର ଓ ପ୍ରବେଶ ନିୟନ୍ତ୍ରଣର ଦ୍ରୁତ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ : କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି, ଯାହା ଷ୍ଟେସନରେ ପ୍ରବେଶ, ଯାତ୍ରୀ ସୁବିଧା ଉନ୍ନତିକରଣ ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହିତ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଆକଳନ କରିବ। ଏହି ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେସନ ପରିସର ମଧ୍ୟରେ ସହଜ ଯାତାୟତ ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଲାଗୁ କରାଯିବ ଏବଂ ଏହା ଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେସନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ ।

**ଏ.ଆଇ. ଚାଳିତ କ୍ୟାମେରା ନେଟୱାର୍କ ଦ୍ୱାରା ଚବିଶ ଘଣ୍ଟିଆ ନଜର ସୁନିଶ୍ଚିତ କରାଯିବ**

ପ୍ଲାଟଫର୍ମ, କନକୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଣ୍ଟ ଏବଂ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଞ୍ଚଳ ସମେତ ଷ୍ଟେସନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନ କରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ବ୍ୟାପକ ଏଆଇ-ଚାଳିତ ତଦାରଖ ନିୟୋଜିତ କରାଯିବ।

ଏକ ଆବଶ୍ୟକ ମୁତାବକ ଇଭେଣ୍ଟ ଡିସପ୍ଲେ-ଆଧାରିତ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ ଯେଉଁଠାରେ ସିଧାସଳଖ କ୍ୟାମେରା ଫିଡର ଏଆଇ ପ୍ରକ୍ରିୟାକରଣ ନିରୀକ୍ଷଣ କର୍ମଚାରୀଙ୍କୁ ଠିକଣା ସମୟରେ ଅସ୍ୱାଭାବିକ କିମ୍ବା ଅସୁରକ୍ଷିତ ଘଟଣା ବିଷୟରେ ସତର୍କ କରିବ। କେନ୍ଦ୍ରମନ୍ତ୍ରୀ କ୍ୟାମେରାଗୁଡ଼ିକୁ 'ଆଖି' ଏବଂ ଏଆଇକୁ ଏହି ବ୍ୟବସ୍ଥାର 'ମସ୍ତିଷ୍କ' ବୋଲି ବର୍ଣ୍ଣନା କରି ଗୁରୁତ୍ୱାରୋପ କରିଥିଲେ ଯେ ସର୍ବାଧିକ ତଦାରଖ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ୟାମେରାର କଭରେଜ୍ ଜୋନକୁ ପର୍ଯ୍ୟାପ୍ତ ଆଲୋକିତ କରାଯିବା ଆବଶ୍ୟକ।

କେବଳ ଟିକେଟ ଥିବା ଯାତ୍ରୀମାନେ ଷ୍ଟେସନ ପରିସରରେ ପ୍ରବେଶ କରିବା ସୁନିଶ୍ଚିତ କରିବା ପାଇଁ ରେଳବାଇ ସୁରକ୍ଷା ବଳ (ଆର.ପି.ଏଫ୍.)କୁ ଅତିରିକ୍ତ ଭାବେ ନିୟୋଜିତ କରାଯିବ, ଯାହା ମାନବ ଆଧାରିତ ଯାଞ୍ଚରୁ ଇ-ଆଧାରିତ ଯାଞ୍ଚକୁ ପରିବର୍ତ୍ତିତ ହେବ।

ସମସ୍ତ ଷ୍ଟେସନ କର୍ମଚାରୀଙ୍କ ପାଇଁ ରଙ୍ଗିନ କୋଡ୍ ଥିବା ୟୁନିଫର୍ମ ଏବଂ ପରିଚୟ ପତ୍ର

ବୃହତ କାର୍ଯ୍ୟବଳ ମଧ୍ୟରେ ସମାନତା ଏବଂ ଉତ୍ତରଦାୟିତ୍ୱ ଆଣିବା ପାଇଁ, ଷ୍ଟେସନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ଏକ ରଙ୍ଗିନ-କୋଡେଡ୍ ଚିହ୍ନଟ ପ୍ରଣାଳୀ ନିର୍ଦ୍ଦେଶ ଦିଆଯାଇଛି।



ରେଳବାଇ କର୍ମଚାରୀଙ୍କ ଦ୍ୱାରା ଫ୍ଲୁରୋସେଣ୍ଟ ଜ୍ୟାକେଟ୍ ପିନ୍ଧାଯିବ, ଯେତେବେଳେ ବିକ୍ରେତା, ଷ୍ଟେସନ ସାହାୟକ, ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ଆଇ.ଆର୍.ସି.ଟି.ସି. କର୍ମଚାରୀଙ୍କ ସମେତ ଅଣ-କର୍ମଚାରୀମାନେ ମଧ୍ୟ ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିନ କୋଡେଡ୍ ଜ୍ୟାକେଟ୍ ପିନ୍ଧିବେ। ଷ୍ଟେସନ ପରିସରରେ ଉପସ୍ଥିତ ଯାତ୍ରୀ, କର୍ମଚାରୀ ଏବଂ ଅନ୍ୟ ଅଣ-କର୍ମଚାରୀ ଯେପରିକି କୁଲି, ସାମଗ୍ରୀ ବିକ୍ରେତାଙ୍କ କର୍ମଚାରୀ, ଖାଦ୍ୟ, ସଫେଇ, ପାର୍ସଲ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ତ୍ୱରାନ୍ୱିତ ଚିହ୍ନଟକୁ ସକ୍ଷମ କରିବା ପାଇଁ ଏହା କରାଯାଉଛି, ଯାହା ସହିତ ସୁରକ୍ଷା କର୍ତ୍ତୃପକ୍ଷ ଏବଂ ଟିକେଟ୍ ଯାଞ୍ଚ କର୍ମଚାରୀ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ନିୟୋଜିତ ହୁଅନ୍ତି ।

ସମସ୍ତ କର୍ମଚାରୀ ଏବଂ ଅଣ-କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ, ଯେଉଁଥିରେ ପରିଚୟ ଉଦ୍ଦେଶ୍ୟରେ ଆବଶ୍ୟକ ବିସ୍ତୃତ ବିବରଣୀ ରହିବ। ଉତ୍ତର ଜୋନର ସମସ୍ତ ଷ୍ଟେସନରେ ୟୁନିଫର୍ମ ପରିଚୟ ବ୍ୟବସ୍ଥା କ୍ରମାନୁସାରେ ପ୍ରଚଳନ କରାଯିବ, ନୂଆଦିଲ୍ଲୀ ଷ୍ଟେସନ ମଡେଲ ଭାବରେ କାର୍ଯ୍ୟ କରିବ ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ଭାଗରେ ଏହା ଲାଗୁ ହେବ ।

ନୂଆ ଦିଲ୍ଲୀ ରେଳ ଷ୍ଟେସନରେ କ୍ୟୁ.ଆର୍.କୋଡ୍ ଆଧାରିତ ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ

ଦୀପାବଳି ଏବଂ ଛଠ୍ ସମୟରେ ଆଶା କରାଯାଉଥିବା ପାର୍ବଣ ଭିଡ଼ ପୂର୍ବରୁ ଏକ ପାଇଲଟ ପ୍ରକଳ୍ପ ଭାବରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଏକ କ୍ୟୁ.ଆର୍.କୋଡ୍ ଆଧାରିତ ପ୍ରବେଶ ପରିଚାଳନା ବ୍ୟବସ୍ଥା ଆରମ୍ଭ କରାଯିବ। ଏହି ବ୍ୟବସ୍ଥା ବୈଧ ଟିକେଟ୍ ଆଧାରରେ ପ୍ରବେଶକୁ ନିୟନ୍ତ୍ରଣ କରିବ, ଯାହା ସଂରକ୍ଷିତ ଟିକେଟ୍ ଧାରକ, ମାସିକ ନିୟମିତ ଟିକେଟ୍ ଧାରକ ଏବଂ ଅଣ-ସଂରକ୍ଷିତ ଯାତ୍ରୀଙ୍କ ମଧ୍ୟରେ ଠିକଣା ଭାବେ ପୃଥକୀକରଣକୁ ସକ୍ଷମ କରିବ।

ନିରବଚ୍ଛିନ୍ନ ଶେଷ ମାଇଲ ସଂଯୋଗ ପାଇଁ ଭାରତ ଟ୍ୟାକ୍ସି ସହିତ ରେଳୱାନ୍ ଆପ୍ ସମନ୍ୱିତ ହେବ। ନୂଆଦିଲ୍ଲୀ ରେଳ ଷ୍ଟେସନରେ ପହଞ୍ଚୁଥିବା କିମ୍ବା ସେଠାରୁ ପ୍ରସ୍ଥାନ କରୁଥିବା ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ, ରେଳ୍‌ୱାନ୍ ଆପକୁ ଭାରତ ଟ୍ୟାକ୍ସି ସହିତ ସମନ୍ୱିତ କରାଯିବ। ରେଳଟେଲ୍ ସହଯୋଗରେ ବିକଶିତ ହେଉଥିବା ଏହି ଏକୀକରଣର ଉଦ୍ଦେଶ୍ୟ ହେଉଛି ଷ୍ଟେସନ ପରିସର ବାହାରେ ବିଶୃଙ୍ଖଳାକୁ ହ୍ରାସ କରିବା, ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ଏବଂ ଏକ ବିଶ୍ୱସନୀୟ, ସ୍ୱଚ୍ଛ ଶେଷ ମାଇଲ ପରିବହନ ବିକଳ୍ପ ପ୍ରଦାନ କରିବା।

ଭାରତ ଟ୍ୟାକ୍ସି ହେଉଛି ଭାରତର ପ୍ରଥମ ସମବାୟ ପରିଚାଳିତ ରାଇଡ୍-ହେଲିଂ ପ୍ଲାଟଫର୍ମ। 'ସମବାୟ ସେ ସମୃଦ୍ଧି'ର ପରିକଳ୍ପନା ଅନୁସାରେ, ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ସମାବେଶୀ, ନାଗରିକ କୈନ୍ଦ୍ରିକ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାରଙ୍କ ଜାରି ପ୍ରୟାସରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ।

ଷ୍ଟେସନ ଅଞ୍ଚଳରେ ନିରବଚ୍ଛିନ୍ନ ଭିଡ଼ ପରିଚାଳନା ସୁନିଶ୍ଚିତ କରିବା

ଏହି ବୈଠକରେ ୭୬ଟି ରେଳ ଷ୍ଟେସନ ପରିସରର ଉନ୍ନତିକରଣର ସ୍ଥିତିର ମଧ୍ୟ ସମୀକ୍ଷା କରାଯାଇଥିଲା। ଷ୍ଟେସନ କୋଠା ବାହାରେ ଅସଂରକ୍ଷିତ ଯାତ୍ରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଆତଯାତ ଅଞ୍ଚଳ ସୃଷ୍ଟି କରାଯାଉଛି, ଯାହା ପ୍ଲାଟଫର୍ମକୁ ନିୟନ୍ତ୍ରିତ, ପର୍ଯ୍ୟାୟକ୍ରମେ ପ୍ରବେଶ ସୁନିଶ୍ଚିତ କରୁଛି ଏବଂ ଐତିହାସିକ ଭାବରେ ଅଧିକ ଭିଡ଼ ଏବଂ ସୁରକ୍ଷା ବିପଦ ସୃଷ୍ଟି କରିଥିବା କନକୋର୍ସଗୁଡ଼ିକର ଭିଡକୁ ରୋକୁଛି। ଅବାଧ ଯାତାୟାତ ପାଇଁ ଆତଯାତ କ୍ଷେତ୍ର ଦେଇ ଯାତ୍ରୀମାନଙ୍କ ପାଇଁ ନିର୍ଦ୍ଧାରିତ ପ୍ରବେଶ ସ୍ଥାନ ଉପଲବ୍ଧ ହେବ।

ଉଭୟ ସଂରକ୍ଷିତ ଏବଂ ଅସଂରକ୍ଷିତ ଟିକେଟଧାରୀଙ୍କ ପାଇଁ ସ୍ପଷ୍ଟ ଏବଂ ପ୍ରମୁଖ ଭାବରେ ଦୃଶ୍ୟମାନ ସଙ୍କେତ ସହିତ ସମସ୍ତ ଷ୍ଟେସନରେ ସାଇନେଜ୍ (ସଙ୍କେତ ପଟି)ର ଉନ୍ନତି ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ହୋଲ୍ଡିଂ ଅଞ୍ଚଳରେ ଅପେକ୍ଷା କରୁଥିବା ସମୟରେ ଯାତ୍ରୀମାନଙ୍କୁ ଭଲ ସୂଚନା ଦେବା ପାଇଁ ଟ୍ରେନ୍ ସୂଚନା ସେବାଗୁଡ଼ିକର ଉନ୍ନତିକରଣ କରାଯିବ। ରେଳ ମନ୍ତ୍ରଣାଳୟ ଦ୍ୱାରା ସିଧାସଳଖ ତଦାରଖ ଜାରି ରହିବ, ଯାହାଦ୍ୱାରା ସମଗ୍ର ନେଟୱାର୍କରେ ଅଧିକ ସଂଖ୍ୟାରେ ଯାତାୟାତ କରୁଥିବା ଷ୍ଟେସନଗୁଡ଼ିକରେ ଯାତ୍ରୀଙ୍କ ଆରାମରେ ନିରନ୍ତର ଉନ୍ନତି ସୁନିଶ୍ଚିତ ହୋଇପାରିବ।

ଏହି ପଦକ୍ଷେପଗୁଡ଼ିକ ଦେଶର ବ୍ୟସ୍ତବହୁଳ ଷ୍ଟେସନଗୁଡ଼ିକୁ ସୁରକ୍ଷିତ, ସୁସଂଗଠିତ ଏବଂ ଯାତ୍ରୀ-ଅନୁକୂଳ ସ୍ଥାନରେ ପରିଣତ କରିବା ଲାଗି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ଦର୍ଶାଉଛି। ଜ୍ଞାନକୌଶଳର ଏବଂ ଉନ୍ନତ ଭିତ୍ତିଭୂମିର ମିଶ୍ରଣ ଦ୍ୱାରା, ରେଳବାଇର ଲକ୍ଷ୍ୟ ହେଉଛି ପ୍ରତିଦିନ ଏହାର ସେବା ଉପରେ ନିର୍ଭର କରୁଥିବା ଲକ୍ଷ ଯାତ୍ରୀଙ୍କ ପାଇଁ ଷ୍ଟେସନ ପ୍ରବେଶ ଠାରୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ସୁଖଦ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା।

## ପ୍ରେସ୍ ସେବା ପୋର୍ଟାଲର ଉପଯୋଗ ଏବଂ ପିଆରପି ଆଇନର ସୁଗମ କାର୍ଯ୍ୟକାରିତା ନେଇ ଆଲୋଚନା




ଭୁବନେଶ୍ୱର : ଓଡ଼ିଶାର ବିଭିନ୍ନ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ମୁଦ୍ରାକର, ପ୍ରକାଶକ, ସମ୍ପାଦକ ଓ ପରିଚାଳକମାନଙ୍କୁ ନେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ୍ (ପିଆରଜିଆଇ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମତ ବିନିମୟ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱର ପିଆଇବି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଆରଜିଆଇ ପ୍ରେସ୍ ସେବା ପୋର୍ଟାଲର ଉପଯୋଗ ଏବଂ ପ୍ରେସ୍ ଓ ପତ୍ରିକା ପଞ୍ଜୀକରଣ (ପିଆରପି) ଆଇନ, ୨୦୨୩ର ବିଭିନ୍ନ ନୂତନ ନିୟମାବଳୀକୁ ନେଇ ଆଲୋଚନା ହୋଇଛି। ପିଆରଜିଆଇ, ନୂଆଦିଲ୍ଲୀର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ସନ୍ତୋଷ କୁମାର ଏବଂ ଏନଆଇସି, ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ଗୌରବ ଶର୍ମା ଏହି ମତବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସମ୍ବାଦପତ୍ର ଓ ପତ୍ରପତ୍ରିକାର ନିୟମିତ ପ୍ରକାଶନ, ପିଆରଜିଆଇ (ପୂର୍ବରୁ ଆରଏନଆଇ)ର ବିଭିନ୍ନ ସଂଶୋଧିତ ନିୟମାବଳୀ, ପତ୍ରପତ୍ରିକାର ପଞ୍ଜୀକରଣ, ପ୍ରକାଶନ, ନ୍ୟୁଜ୍ ପ୍ରିଣ୍ଟ, ପ୍ରକାଶନ ସଂଖ୍ୟା ଯାଞ୍ଚ ସମେତ ବିଭିନ୍ନ ପ୍ରକାରର ବ୍ୟବସ୍ଥା, ପ୍ରକ୍ରିୟା ଓ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶନ ଯାଞ୍ଚ ଅଡିଟ୍କୁ ପାରଦର୍ଶୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ପ୍ରେସ୍ ସେବା ପୋର୍ଟାଲର ବ୍ୟବହାରକୁ ନେଇ ରହିଥିବା ସମସ୍ୟା ଏବଂ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ବୈଷୟିକ ତ୍ରୁଟି ସମ୍ପର୍କରେ ସେମାନେ ପ୍ରକାଶକ ଓ ମୁଦ୍ରାକରମାନଙ୍କ ଠାରୁ ମତାମତ ନେଇଥିଲେ। ଆଜିର ଆଲୋଚନାରୁ ବାହାରିଥିବା ନିଷ୍କର୍ଷ ପିଆରପି ଆଇନ, ୨୦୨୩କୁ କାର୍ଯ୍ୟକାରୀ କରିବାରେ ସହାୟକ ହେବ ବୋଲି ଶ୍ରୀ ସନ୍ତୋଷ କୁମାର ମତ ରଖିଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶାର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏଭଳି ମତବିନିମୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ସେ କହିଥିଲେ, ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ମୁଦ୍ରିତ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ ପିଆରପି ଆଇନର କାର୍ଯ୍ୟକାରିତା ସୁଗମ ହେବ ଏବଂ ଏହା ସମ୍ବାଦପତ୍ର ଓ ପତ୍ରିକାର ପ୍ରକାଶନରେ ଅଧିକ ଦକ୍ଷତା ଆଣିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଖବରକାଗଜର ପ୍ରକାଶକ, ମୁଦ୍ରାକର ଓ ସମ୍ପାଦକ ଯୋଗଦେଇଥିଲେ ।

## ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର : ଚଳିତ ବର୍ଷ ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଆସନ୍ତା ୨୬ ତାରିଖରେ ରଥଯାତ୍ରା ଓ ୩୦ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ରଥଯାତ୍ରା ଦିନ ଭୋର ୪ ଘଟିକାରୁ ସାଢେ ଚାରି ଘଟିକା ପର୍ଯ୍ୟନ୍ତ ମଙ୍ଗଳ ଆଳତୀ ଓ ଅବକାଶ, ପରେ ପରେ ୫ ଘଟିକା ପର୍ଯ୍ୟନ୍ତ ସାହଣମେଲା ଦର୍ଶନ ହେବ ବୋଲି ନୀତି ନିର୍ଘଣ୍ଟ ହୋଇଛି। ସେହିଭଳି ମଧ୍ୟାହ୍ନ ୧୦.୧୫ ଘଟିକାରୁ ୧୦.୪୫ ଘଟିକା ପର୍ଯ୍ୟନ୍ତ ଯାତ୍ରା ପୂଜା ଶେଷ ପରେ ଶ୍ରୀ ଜିଉଙ୍କ ପହଣ୍ଡି, ରଥରେ ପୂଜା, ଘୋଡା ଯୋଚା ଓ ଚାରମାଳ ଖୋଲା ପରେ ଅପରାହ୍ନ ସାଢେ ୨ ଘଟିକା ସମୟରେ ରଥଟଣା ହେବ ବୋଲି ସମୟ ନିର୍ଘଣ୍ଟ କରାଯାଇଛି । ଅନୁରୂପ ଭାବେ ବାହୁଡ଼ା ଯାତ୍ରା ଦିନ ଅପରାହ୍ନ ସାଢେ ୨ ଘଟିକା ସମୟରେ ମଧ୍ୟ ରଥଟଣା ଆରମ୍ଭ ହେବ।



ଉକ୍ତ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ବିଭାଗୀୟ ଅଧିକାରୀ ମାନେ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜ ନିର୍ଦ୍ଦେଶ ଦେଇଛନ୍ତି । ଅସ୍ଥାୟୀ ଭୋଗପିଣ୍ଡି, ସଫେଇ, ଆଲୋକୀକରଣ, ମନ୍ଦିରକୁ ଫୁଲରେ ସଜେଇବା, ପାନୀୟ ଜଳ ବୋତଲ ବ୍ୟବସ୍ଥା କରିବାକୁ ଭୁବନେଶ୍ୱର ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ପାନୀୟ ଜଳ ଯୋଗାଣ, ରାସ୍ତା ଧୌତ, ରଥ ଆଗରେ ଓ ପଛରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନି ନିର୍ବାପନ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତା ମରାମତି, ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଲିଙ୍ଗରାଜ ମନ୍ଦିର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ଭରିମାଲ୍ଲ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷି କ୍ଷେତ୍ରର ସମୀକ୍ଷା: ଫସଲ କ୍ଷତି ଓ ବୀମା ଦାବି ଉପରେ ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ଗୁରୁତ୍ୱ

# ପ୍ରତିକୂଳ ପାଗ ପ୍ରଭାବିତ ଚାଷୀଙ୍କୁ ତୁରନ୍ତ ରିଲିଫ୍ ଓ ବୀମା ସମାଧାନ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ, ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଶୁକ୍ରବାର ଦିନ ନୂଆଦିଲ୍ଲୀର କୃଷି ଭବନରେ କୃଷି କ୍ଷେତ୍ରର ସାମଗ୍ରିକ ସ୍ଥିତିର ଏକ ଉଚ୍ଚସ୍ତରୀୟ, ବ୍ୟାପକ ସମୀକ୍ଷା କରିଥିଲେ। ବୈଠକରେ ସମ୍ପ୍ରତି ଅତ୍ୟଧିକ ବର୍ଷା, ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ଅନ୍ୟାନ୍ୟ ପ୍ରତିକୂଳ ପାଗ ପରିସ୍ଥିତି ଯୋଗୁଁ ବିଭିନ୍ନ ରାଜ୍ୟରେ ଚାଷୀମାନେ ସହିଥିବା ସମ୍ଭାବ୍ୟ କ୍ଷତି ଉପରେ ବ୍ୟାପକ ଭାବରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀଙ୍କ ତୁରନ୍ତ ଆବଶ୍ୟକତା, ବୀମା ଦାବି ପ୍ରକ୍ରିୟା ଏବଂ ରିଲିଫ୍ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷା ପରେ ଶ୍ରୀ ଚୌହାନ ଗଣମାଧ୍ୟମକୁ ସ୍ପଷ୍ଟ ଭାବରେ କହିଥିଲେ ଯେ, ସରକାରଙ୍କ ଧ୍ୟାନ କେବଳ ଉତ୍ପାଦନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଫସଲ କ୍ଷତିର ବୈଜ୍ଞାନିକ ପଦ୍ଧତିରେ ମୂଲ୍ୟାଙ୍କନ, ବୀମା ଦାବିର ଉପଯୁକ୍ତ ସମାଧାନ ଏବଂ ଚାଷୀମାନଙ୍କୁ ସମୟୋଚିତ ସହାୟତା ପ୍ରଦାନ କ୍ଷେତ୍ରରେ ବ୍ୟାପକ।

କେନ୍ଦ୍ର କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ସମୀକ୍ଷା ବୈଠକ ଏପରି ଏକ ସମୟରେ ଡକାଯାଇଥିଲା ଯେତେବେଳେ ପାଗ ଅନିଶ୍ଚିତତା, ଫସଲ କ୍ଷତିର ଆଶଙ୍କା ଏବଂ ଚାଷୀମାନଙ୍କୁ ସହାୟତାର ଜରୁରୀ ଆବଶ୍ୟକତା ଅନେକ ରାଜ୍ୟରେ ପ୍ରମୁଖ ଚିନ୍ତାର ବିଷୟ ହୋଇଛି। ନୀତିଗତ ପଦକ୍ଷେପ, ରିଲିଫ୍ ବ୍ୟବସ୍ଥା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପ୍ରସାରକୁ ସମସ୍ତ ସ୍ତରରେ ପ୍ରଭାବଶାଳୀ ଭାବରେ ସମନ୍ୱିତ କରିବା ଏହାର ଉଦ୍ଦେଶ୍ୟ ଥିଲା, ଯାହା ଦ୍ୱାରା ଚାଷୀମାନେ ସମୟୋଚିତ ଏବଂ ପର୍ଯ୍ୟାପ୍ତ ସହାୟତା ପାଇପାରିବେ।

ଫସଲ କ୍ଷତି ଏବଂ ବୀମା ଦାବିର ବୈଜ୍ଞାନିକ ପଦ୍ଧତିରେ ମୂଲ୍ୟାଙ୍କନ ଉପରେ ବିଶେଷ ଗୁରୁତ୍ୱ

ବୈଠକ ସମୟରେ ଶ୍ରୀ ଚୌହାନ କୃଷି ସଚିବ, କୃଷି କମିଶନର ଏବଂ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ, ଯେଉଁଠାରେ କୃଷକମାନଙ୍କୁ ସହାୟତା ଆବଶ୍ୟକ ହେଉଛି, ରାଜ୍ୟ ସରକାରଙ୍କ ସହିତ ସମନ୍ୱୟକୁ ସୁଦୃଢ଼ କରିବାକୁ ସେମାନେ ଯେପରି ନିଶ୍ଚିତ କରନ୍ତି, ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଫସଲ କଟା ଯାଞ୍ଚ ତୁରନ୍ତ କରାଯିବା ଉଚିତ, ବୈଜ୍ଞାନିକ ପଦ୍ଧତିରେ କ୍ଷତିର ଆକଳନ କରାଯିବା ଉଚିତ ଏବଂ ବିଳମ୍ବ ନକରି ତୁରନ୍ତ ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ। ସେ କହିଥିଲେ ଯେ ପ୍ରବଳ ବର୍ଷା, କୁଆପଥର ବର୍ଷା କିମ୍ବା ଅନ୍ୟାନ୍ୟ ପ୍ରତିକୂଳ ପାଗ ପରିସ୍ଥିତି ଦ୍ୱାରା ପ୍ରଭାବିତ ଅଞ୍ଚଳରେ କ୍ଷେତ୍ର ସ୍ତରରେ ସମୟସୀମା ମଧ୍ୟରେ କାର୍ଯ୍ୟ ଅତ୍ୟନ୍ତ ଜରୁରୀ, ଯାହା ଦ୍ୱାରା କୌଣସି ଚାଷୀ ସହାୟତା ପାଇଁ ଯେପରି ଅପେକ୍ଷା ନ କରନ୍ତି।

ଶ୍ରୀ ଶିବରାଜ ସିଂହ ଚୌହାନ ସମସ୍ତ ଅଧିକାରୀଙ୍କୁ ତୁରନ୍ତ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ ଏବଂ ସମନ୍ୱୟ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଦ୍ୱାରା ଫସଲ କଟା ଯାଞ୍ଚ ସଠିକ୍ ଭାବରେ କରାଯିବ, କ୍ଷତିର ସଠିକ୍ ମୂଲ୍ୟାଙ୍କନ କରାଯିବ ଏବଂ ବୀମା ଦାବି ସଠିକ୍ ଏବଂ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ କରାଯିବ। ଯଦି କୃଷକମାନେ କ୍ଷତି ସହିଛନ୍ତି, ତେବେ ସେମାନଙ୍କର ବୀମା ଦାବି ସଠିକ୍ ଏବଂ ବୈଜ୍ଞାନିକ ପଦ୍ଧତି ଅନୁଯାୟୀ ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ଆମେ ଆମର ଚାଷୀ ଭାଇ ଏବଂ ଭଉଣୀମାନଙ୍କୁ ସମର୍ଥନ କରିପାରିବା ବୋଲି ସେ କହିଥିଲେ।

ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆଗାମୀ ଦିନରେ ଆଉ ଦୁଇଟି ପାଶ୍ଚାତ୍ୟ ବିଶୃଙ୍ଖଳାର ସମ୍ଭାବନା ସମ୍ପର୍କରେ ସୂଚାଇଛି। ଏହାକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ କ'ଣ ପରାମର୍ଶ ଜାରି କରାଯିବା ଉଚିତ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ବ୍ୟାପକ ସ୍ତରରେ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ପ୍ରତିକୂଳ ପାଗ, ପାଣିପାଗକୁ ନେଇ ପୂର୍ବାନୁମାନ ଏବଂ ବିପଦ ପରିଚାଳନା

ବୈଠକରେ ପାଣିପାଗ ପୂର୍ବାନୁମାନ ଏବଂ ଫସଲର ବର୍ତ୍ତମାନର ସ୍ଥିତିର ବିସ୍ତୃତ ସମୀକ୍ଷା କରାଯାଇଥିଲା ଯାହା ଦ୍ୱାରା ଆଗାମୀ ଦିନରେ ସମ୍ଭାବ୍ୟ ପାଣିପାଗ ସମ୍ବନ୍ଧୀୟ ବିପଦର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇପାରିବ। କୃଷି ବିଭାଗ, ରାଜ୍ୟ ସରକାର ଏବଂ ସମସ୍ତ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡିବ ବୋଲି ଶ୍ରୀ ଚୌହାନ କହିଥିଲେ। ଏହା ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ସହାୟତା ଏବଂ ସୁରକ୍ଷା ପ୍ରଦାନ କରିବାକୁ ନିଶ୍ଚିତ କରିବ।



କେନ୍ଦ୍ର ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ କୃଷି କ୍ଷେତ୍ରର ଲକ୍ଷ୍ୟ କେବଳ ଉତ୍ପାଦନ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ, ବରଂ ଏଥିରେ କୃଷକ ସୁରକ୍ଷା, ଆୟ ସ୍ଥିରତା ଏବଂ ସମୟୋଚିତ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷା ଦେବା ପାଇଁ ଫସଲ ପରିସ୍ଥିତି, ପାଣିପାଗ ବିପଦ, କ୍ରୟ ପ୍ରସ୍ତୁତି ଏବଂ ରିଲିଫ୍ ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଡାଲି ମିଶନ, ଏମ୍ଏସପି ଏବଂ ବମ୍ପର ଉତ୍ପାଦନ କ୍ରୟରେ ଆତ୍ମନିର୍ଭରଶୀଳତା

ଶ୍ରୀ ଚୌହାନ କହିଛନ୍ତି ଯେ ସରକାର ଆଗାମୀ ଦିନରେ ଗହମ ଏବଂ ଧାନ ସଂଗ୍ରହ ଆରମ୍ଭ କରିବାକୁ ଯାଉଛନ୍ତି ଏବଂ ଏହି ଋତୁରେ ରବି ଫସଲର ବମ୍ପର ଉତ୍ପାଦନ ହୋଇଛି। ଫଳସ୍ୱରୂପ, ଦେଶରେ ପର୍ଯ୍ୟାପ୍ତ ପରିମାଣର ଗହମ, ଧାନ ଏବଂ ଚାଉଳ ରହିଛି ଏବଂ କୌଣସି ଅଭାବ ନାହିଁ। ସେ କହିଛନ୍ତି ଯେ ଗହମ ଏବଂ ଧାନ ସଂଗ୍ରହ ଜାରି ରହିବ, କିନ୍ତୁ ଡାଲି ଉପରେ ଦୃଢ଼ ଧ୍ୟାନ ଦିଆଯିବ। 'କୃଷକମାନେ ଯେତେ ଇଚ୍ଛା ହରଡ, ମସୁର ଏବଂ ବିରି ଡାଲି ବିକ୍ରୟ କରିପାରିବେ ଏବଂ ଆମେ ତାହା ସଂଗ୍ରହ କରିବୁ ବୋଲି ସେ କହିଛନ୍ତି।

କେନ୍ଦ୍ର କୃଷି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଡାଲି କ୍ରୟ କେବଳ ରାଜ୍ୟ ସରକାରଙ୍କ ଦ୍ୱାରା ନୁହେଁ ବରଂ ଜାତୀୟ କୃଷି ସମବାୟ ମାର୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ନାଫେଡ୍) ଏବଂ ଜାତୀୟ ସମବାୟ ଗ୍ରାହକ ମହାସଂଘ (ଏନସିସିଏଫ୍) ଭଳି ଏଜେନ୍ସି ମାଧ୍ୟମରେ ମଧ୍ୟ କରାଯିବ। ଯାହା ଦ୍ୱାରା ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଠାରୁ କମ୍ ରେ ବିକ୍ରୟ କରିବାକୁ କେହି ବାଧ୍ୟ କରିବେ ନାହିଁ ଏବଂ ସେମାନେ ସେମାନଙ୍କ ଉତ୍ପାଦ ପାଇଁ ଉଚିତ ପାରିଶ୍ରମିକ ପାଇପାରିବେ।

ଡାଲି ସ୍ୱାବଲମ୍ବୀ ମିଶନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଶ୍ରୀ ଚୌହାନ ଉତ୍ପାଦନ ବୃଦ୍ଧି, ଚାଷ ଅଞ୍ଚଳ ବୃଦ୍ଧି ଏବଂ ହରଡ, ବିରି ଏବଂ ମସୁର ଭଳି ପ୍ରମୁଖ ଡାଲି ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରିତ କ୍ରୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଏହି ମିଶନର ଉଦ୍ଦେଶ୍ୟ ହେଉଛି ଦେଶକୁ ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଚାଷୀଙ୍କ ଆୟ ବୃଦ୍ଧି କରିବା। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ତୃଣମୂଳ ସ୍ତରରେ ଦୃଢ଼ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି।

ପରିମାଣ ସହିତ ଗୁଣବତ୍ତା ଉପରେ ଧ୍ୟାନ, ପ୍ରିମିୟମ୍ ମୂଲ୍ୟ ପାଇଁ ଅଭିଯାନ

କେନ୍ଦ୍ର କୃଷି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ କୃଷି ନୀତି ଆଉ କେବଳ ପରିମାଣ ବୃଦ୍ଧି ଉପରେ ଧ୍ୟାନ ଦେବ ନାହିଁ ବରଂ ଗୁଣବତ୍ତା ଉନ୍ନତ କରିବା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବ। ସେ ମଧ୍ୟପ୍ରଦେଶର 'ଶାରବତୀ' ଗହମର ଉଦାହରଣ ଦେଇଥିଲେ, ଯାହାର ଉନ୍ନତ ଗୁଣବତ୍ତା ଯୋଗୁଁ ବଜାରରେ ୪୦୦ ଟଙ୍କାରୁ ଅଧିକ ପ୍ରିମିୟମ୍ ମିଳୁଛି।

ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟ ଅପେକ୍ଷା ଅଧିକ ମୂଲ୍ୟ ପାଇବା ପାଇଁ ଉନ୍ନତ ଫସଲ କିସମ, ଜୈବ-ସୁରକ୍ଷିତ ଫସଲ ଏବଂ ଉଚ୍ଚମାନର ଶସ୍ୟକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। 'ଆମେ ନିଶ୍ଚିତ ଭାବରେ ଉତ୍ପାଦନ ବୃଦ୍ଧି କରିବୁ, କିନ୍ତୁ ପରିମାଣ ସହିତ ଗୁଣବତ୍ତା କିପରି ଉନ୍ନତ କରାଯାଇପାରିବ ସେ ବିଷୟରେ ମଧ୍ୟ ଆମେ ଅଭିଯାନ ଚଳାଇବୁ। ଉନ୍ନତ କିସମ ଏବଂ ସୁରକ୍ଷିତ ଫସଲ ଚାଷୀମାନଙ୍କ ପାଇଁ ଅଧିକ ମୂଲ୍ୟ ଆଣିପାରିବ, ତେଣୁ ଆମକୁ ବିବିଧତା ଚୟନ ଏବଂ ଗୁଣବତ୍ତା ବୃଦ୍ଧି ଉପରେ ଧ୍ୟାନ ଦେବାକୁ ପଡିବ,' ବୋଲି ଶ୍ରୀ ଚୌହାନ କହିଥିଲେ।

ବିକଶିତ କୃଷି ସଙ୍କଳ୍ପ ଅଭିଯାନ, ଆଞ୍ଚଳିକ ସମ୍ମିଳନୀ ଏବଂ ଫସଲ- ୱାରୀ ରୋଡ୍ ମ୍ୟାପ୍

ଶ୍ରୀ ଶିବରାଜ ଚୌହାନ ଆଗାମୀ ବିକଶିତ କୃଷି ସଂକଳ୍ପ ଅଭିଯାନ ପାଇଁ ପ୍ରସ୍ତୁତି ସମୀକ୍ଷା କରିଥିଲେ, ଯାହା ଜାତୀୟ ସ୍ତରରେ କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ଚାଷୀମାନଙ୍କୁ ବୈଜ୍ଞାନିକ ପରାମର୍ଶ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଅଞ୍ଚଳ-ନିର୍ଦ୍ଦିଷ୍ଟ କୃଷି ମାର୍ଗଦର୍ଶନ ପ୍ରଦାନ କରାଯିବ, ଯେପରି ପୂର୍ବ ପରି କରାଯାଇଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଅଭିଯାନ କେବଳ ଏକ ଆନୁଷ୍ଠାନିକ ଅଭ୍ୟାସ ହେବା ଉଚିତ୍ ନୁହେଁ ବରଂ କ୍ଷେତ୍ର ସ୍ତରରେ ବ୍ୟବହାରିକ ଏବଂ ଉପଯୋଗୀ ଫଳାଫଳ ପ୍ରଦାନ କରିବା ଉଚିତ। ଏହା ଚାଷୀମାନଙ୍କୁ ବୁଣିବା ପୂର୍ବରୁ ସଠିକ୍ ଫସଲ, ଉପଯୁକ୍ତ କିସମ ଏବଂ ଉପଯୁକ୍ତ କୃଷି ପଦ୍ଧତି ବାଛିବାକୁ ସକ୍ଷମ କରିବ।

ସେ ଉଲ୍ଲେଖ କରିଛନ୍ତି ଯେ ପୂର୍ବରୁ, ନୂଆ ଦିଲ୍ଲୀରେ ଅନୁଷ୍ଠିତ ଏକ ବୈଠକରେ ଖରିଫ ଫସଲ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। କିନ୍ତୁ, ଏହା ଉପରେ ବର୍ତ୍ତମାନ ପାଞ୍ଚଟି ଜୋନ୍ - ଉତ୍ତର, ଦକ୍ଷିଣ, ପଶ୍ଚିମ, ପୂର୍ବ ଏବଂ ପାହାଡ଼ି ରାଜ୍ୟ (ଉତ୍ତରପୂର୍ବ ସମେତ)ରେ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହେବ। ସେ ଘୋଷଣା କରିଛନ୍ତି ଯେ ଏପ୍ରିଲ ୭ରେ ଜୟପୁରରେ, ଏପ୍ରିଲ ୧୭ରେ ଲକ୍ଷ୍ନୌରେ ଏବଂ ଏପ୍ରିଲ ୨୪ରେ ଓଡ଼ିଶାରେ ତିନୋଟି ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଆଉ ଦୁଇଟି ଅତିରିକ୍ତ ସମ୍ମିଳନୀର ତାରିଖ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରାଯିବ।

ଏହି ସମ୍ମିଳନୀରେ କେବଳ ସରକାରୀ ଅଧିକାରୀମାନେ ନୁହେଁ ବରଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ବୈଜ୍ଞାନିକ, କୃଷି ବିଶେଷଜ୍ଞ, ସଫଳ ଚାଷୀ, ଚାଷୀ ଉତ୍ପାଦକ ସଂଗଠନ ଏବଂ ଗବେଷଣା, ମୂଲ୍ୟ ବୃଦ୍ଧି, ପ୍ରକ୍ରିୟାକରଣ ଏବଂ ବିପଣନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ମଧ୍ୟ ସାମିଲ ହେବେ।

ଶ୍ରୀ ଚୌହାନ କହିଛନ୍ତି ଯେ ଚାଷୀମାନେ ପ୍ରତ୍ୟେକ ପର୍ଯ୍ୟାୟରେ ସମର୍ଥନ ପାଇବା ନିଶ୍ଚିତ କରିବା ପାଇଁ ସରକାର ସମଗ୍ର କୃଷି ମୂଲ୍ୟ ଶୃଙ୍ଖଳ - ବିହନ ଠାରୁ ବଜାର ପର୍ଯ୍ୟନ୍ତ - ରଣନୀତି ପ୍ରସ୍ତୁତ କରୁଛନ୍ତି। ପ୍ରତ୍ୟେକ ପ୍ରମୁଖ ଫସଲ ପାଇଁ ଏକ 'ଫସଲ-ଆଧାରିତ ରୋଡମ୍ୟାପ୍' ଏବଂ ପ୍ରତ୍ୟେକ ରାଜ୍ୟ ପାଇଁ ଏକ 'ରାଜ୍ୟ-ଆଧାରିତ କୃଷି ରୋଡମ୍ୟାପ୍' ପ୍ରସ୍ତୁତ କରାଯିବ। ଉତ୍ପାଦନ ବୃଦ୍ଧି, ଗୁଣବତ୍ତା ଉନ୍ନତ କରିବା, ରୋଗପୋକ ସମସ୍ୟାର ସମାଧାନ କରିବା ଏବଂ ପରିଷ୍କାର ରୋପଣ ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇ ସୋୟାବିନ୍, ମକା ଏବଂ ନଡ଼ିଆ ଭଳି ଫସଲ ଉପରେ ବିସ୍ତୃତ ଆଲୋଚନା ଆରମ୍ଭ ହୋଇସାରିଛି।

ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଶ୍ରୀ ଚୌହାନ କହିଛନ୍ତି, କେନ୍ଦ୍ର କୃଷକମାନଙ୍କ ସହିତ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛି ଏବଂ ସେମାନଙ୍କ ପାଇଁ ସେବା ଉନ୍ନତ କରିବା ଲାଗି ନିରନ୍ତର କାର୍ଯ୍ୟ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ କୃଷି ଉତ୍ପାଦନ ବୃଦ୍ଧି କରିବା ଏବଂ କୃଷକମାନଙ୍କ ପ୍ରୟାସ ମାଧ୍ୟମରେ ଦେଶର ସମୃଦ୍ଧିକୁ ନୂତନ ଶିଖରରେ ପହଞ୍ଚାଇବା ହେଉଛି ଲକ୍ଷ୍ୟ।

Printed, Published and Owned by Sri Jyoti Prakash Jena, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar-751001
& Published from Markendswar Sahi, P.S-Puri Town, Dist-Puri, (Odisha) Pin- 752001
Mob : 8018003328 / 9437653328 E-mail : teerthkhetra@gmail.com
Editor : Jyoti Prakash Jena
ସମ୍ପାଦକ : ଜ୍ୟୋତି ପ୍ରକାଶ ଜେନା
ସହ ସମ୍ପାଦକ : ଶଶାଙ୍କ ଶେଖର ନାୟକ